ବର୍ଷ-୨୫, ସଂଖ୍ୟା-୧୬୧
ଭୁବନେଶ୍ୱର
୧୩, ଜୁନ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 161
Bhubaneswar
13, June, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସୋସିଆଲ୍ ଇନଫ୍ଲୁଏନ୍ସର କମଲଙ୍କ ମୃତଦେହ ଉଦ୍ଧାର



## ଉଡ଼ିବାର ୫ ମିନିଟ୍ ପରେ ଖସିପଡ଼ିଲା ଏୟାର ଇଣ୍ଡିଆ ୧୭୧

# ନିମିଷକେ ଛାରଖାର, ୨୬୫ ମୃତ







**ଅହମ୍ମଦାବାଦ,୧୨।୬(ମହାଭାରତ):** ଭାରତ ଇତିହାସର ସବୁଠାରୁ ବଡ଼ ବିମାନ ଦୁର୍ଘଟଣା ପୂରା ଦେଶକୁ ଦୋହଲାଇ ଦେଇଛି । ଅହମଦାବାଦରୁ ଲଣ୍ଡନର ଗ୍ୟାଟ୍‌ୱିକ୍ ଏୟାରପୋର୍ଟକୁ ଯାତ୍ରା କରୁଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ-୧୭୧ ଦୁର୍ଘଟଣାରେ ବିମାନରେ ଥିବା ୨୪୧ଜଣଙ୍କ ସହ ମୋଟ ୨୬୫ ଜଣ ପ୍ରାଣ ହରାଇଛନ୍ତି । ବିମାନ ହସ୍ପିଟାଲରେ ମାଡ଼ ହେବା ପରେ ସେଠାରେ ୨୩ ଜଣ ପ୍ରାଣ ହରାଇଛନ୍ତି ।ଦୁଃଖର ବିଷୟ ଯେ, ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଏହି ବିମାନରେ ୨୪୨ ଜଣ ଯାତ୍ରୀଥିଲେ, ଯେଉଁମାନଙ୍କ ମଧ୍ୟରୁ ୨୩୦ ଜଣ ବୟସ୍କ ଥିଲେ । ସୌଭାଗ୍ୟବଶତଃ ଜଣଙ୍କର ଜୀବନ ବଞ୍ଚିଯାଇଛି । ବିମାନରେ ୧୧ ଜଣ ପିଲା ଥିବା ବେଳେ ୨ ନବଜାତକ, ୧୦ଜଣ କ୍ରୁ ମେମ୍ବର ଓ ୨ ଜଣ ପାଇଲଟ ଥିଲେ । ବିମାନଟି ବିଜେ ମେଡିକାଲ କଲେଜର ହଷ୍ଟେଲରେ ମାଡ଼ ହେବାରୁ ୫ଜଣ ଶିକ୍ଷାର୍ଥୀଙ୍କ ମଧ୍ୟ ଏଥିଯୋଗୁ ଜୀବନ ଯାଇଛି । ଏୟାର ଇଣ୍ଡିଆ ଅନୁଯାୟୀ, ବିମାନରେ ୧୬୯ ଭାରତୀୟ ନାଗରିକ, ୫୩ ବ୍ରିଟିଶ ନାଗରିକ, ଜଣେ କାନାଡ଼ାଇ ନାଗରିକ ଓ ୭ ପର୍ତ୍ତୁଗାଲ ନାଗରିକ ଥିଲେ ।

## ଅହମ୍ମଦାବାଦରୁ ଇଂଲଣ୍ଡ ଯିବାବେଳେ ଖସିପଡ଼ିଲା

## ଦେଶ ସ୍ତବ୍ଧ, ଶୋକପ୍ରକାଶ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

## ଡିଏନ୍‌ଏ ଟେଷ୍ଟ ପରେ ମୃତ୍ୟୁସଂଖ୍ୟା ସ୍ପଷ୍ଟ ହେବ

ମର୍ମନ୍ତୁଦ ଘଟଣାରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକପ୍ରକାଶ କରିଛନ୍ତି । ଗୃହ ମନ୍ତ୍ରୀ ଅମିତ ଶାହ ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି ।

ଗୁଜୁରାଟର ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନର ଗାଟ୍‌ୱିକ୍ ବିମାନବନ୍ଦରକୁ ଉଡ଼ାଣ କରୁଥିବା ଟାଟା ନେତୃତ୍ୱାଧୀନ ଏୟାର ଇଣ୍ଡିଆର ବିମାନ ଏଆଇ୧୭୧ ବୋଇଂ ୭୮୭-୮ ଡ୍ରିମଲାଇନର ଗୁରୁବାର ଦିନ ମେଘାନୀ ନଗରର ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯାହାର ମାତ୍ର ୨ ମିନିଟ୍ ପରେ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ, ବିମାନରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ବିମାନରେ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀ ଥିଲେ । ୬୨୫ ଫୁଟ ଉଚ୍ଚତାରେ ଶେଷ ସଙ୍କେତ ପଠାଇଥିଲା । ଏହା ମେଘାନୀ ନଗର ନିକଟସ୍ଥ ଏକ ଆବାସିକ ଅଂଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଠାରେ ଏହା ବିଜେ ମେଡିକାଲ କଲେଜର ହଷ୍ଟେଲ ମେସ୍ ଉପରେ ପଡ଼ିଥିଲା । ଦୁର୍ଘଟଣା ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା ଏବଂ କଳା ଧୂଆଁ ଆକାଶକୁ ଆଚ୍ଛାଦିତ କରିଥିଲା ।ମେଘାନୀନଗରରେ ଅନେକ କୋଠା କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣାର ଭୟାବହତା ଏହି ଘଟଣାରୁ ଅନୁମାନ କରାଯାଇପାରେ ଯେ ବିମାନର କେବଳ ଲାଞ୍ଜ ଅଂଶ ବଂଚି ଯାଇଥିଲା, ବାକି ଅଂଶ ଭଗ୍ନାବଶେଷରେ ପରିଣତ ହୋଇଥିଲା ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ) ଏକ ବିବୃତିରେ କହିଛି, 'ଅହମ୍ମଦାବାଦ ବିମାନବନ୍ଦରରେ ବିମାନ ସେବା ପୁଣି ଆରମ୍ଭ ହୋଇଛି ।' ଏୟାର ଇଣ୍ଡିଆର ବିମାନ ନମ୍ବର ଇଓ୧୭୧ ଅପରାହ୍ନ ୧:୩୮ ରେ ଅହମ୍ମଦାବାଦରୁ ଲଣ୍ଡନ ପାଇଁ ଉଡ଼ାଣ ଆରମ୍ଭ କରିଥିଲା । ବିମାନରେ ୧୬୯ ଜଣ ଭାରତୀୟ, ୫୩ ଜଣ ବ୍ରିଟେନର ଯାତ୍ରୀ, ୧ ଜଣ କାନାଡିଆନ ଏବଂ ୭ ଜଣ ପର୍ତ୍ତୁଗାଲର କ୍ରୁ ସଦସ୍ୟ ଏବଂ ପାଇଲଟ ଥିଲେ । ଏୟାର ଇଣ୍ଡିଆ ଫ୍ଲାଇଟ୍ ନମ୍ବର ଇଓ୧୭୧ ଦୁର୍ଘଟଣାକୁ ଦୃଷ୍ଟିରେ ରଖି, ସମସ୍ତ ବିବରଣୀ ସମନ୍ୱୟ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏକ କାର୍ଯ୍ୟକ୍ଷମ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୋଗାଯୋଗ ନମ୍ବର ଜାରି କରିଛି: ୦୧୧-୨୪୬୧୦୮୪୩/୯୬୫୦୩୯୧୮୫୯ । ଯାତ୍ରୀଙ୍କ ସମ୍ପର୍କୀୟଙ୍କ ପାଇଁ ଅହମଦାବାଦ ବିମାନବନ୍ଦର ବାହାରେ ଏକ ସହାୟତା ଡେସ୍କ ଏବଂ ସହାୟତା କ୍ଷେତ୍ର ସ୍ଥାପନ କରାଯାଉଛି ।

## ମୃତ୍ୟୁକୁ ହରାଇଲେ ୪୦ ବର୍ଷୀୟ ବ୍ୟକ୍ତି

**ନୂଆଦିଲ୍ଲୀ,୧୨।୬:** ଭୟଙ୍କର ବିମାନ ଦୁର୍ଘଟଣାରୁ ଜଣେ ବ୍ୟକ୍ତି ଚମତ୍କାର ଭାବରେ ବଞ୍ଚିଯାଇଛନ୍ତି ।ଦୁର୍ଘଟଣାରୁ ବଞ୍ଚିଯାଇଥିବା ବ୍ୟକ୍ତି ଜଣେ ବ୍ରିଟିଶ ନାଗରିକ ବୋଲି କୁହାଯାଉଛି । ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରୁ ବଞ୍ଚିଯାଇଥିବା ୪୦ ବର୍ଷୀୟ ବ୍ୟକ୍ତିଙ୍କ ନାମ ବିଶ୍ୱାସ କୁମାର ରମେଶ । ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ବିମାନ ଦୁର୍ଘଟଣା ପରେ ବିଶ୍ୱାସ କୁମାର ରମେଶ କୌଣସି ସମର୍ଥନ ବିନା ନିଜେ ଚାଲୁଛନ୍ତି । ଏତେ ଭୟଙ୍କର ବିମାନ ଦୁର୍ଘଟଣାରେ ତାଙ୍କର ବଞ୍ଚି ରହିବା କୌଣସି ଚମତ୍କାରଠାରୁ କମ ନୁହେଁ ବୋଲି ଆଲୋଚନା ହେଉଛି । ବିଶ୍ୱାସ କୁମାର ରମେଶ କହିଛନ୍ତି ଯେ ଯେତେବେଳେ ସେ ଉଠିଲେ ଏବଂ ଯିବା ସମୟରେ ଲୋକମାନେ ତାଙ୍କୁ ଧରି ଆମ୍ବୁଲାନ୍ସରେ



ବସାଇ ହସ୍ପିଟାଲ ନେଇଥିଲେ । ସେ ଦୁର୍ଘଟଣା ଗ୍ରସ୍ତ ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ର ୧୧ଏ ସିଟରେ ବସିଥିଲେ । ଉଡ଼ାଣ ଭରିବାର ୫ ମିନିଟ ମଧ୍ୟରେ ବିମାନଟି ମେଘାନି ନଗରରେ କ୍ରାଶ ହୋଇ ଯାଇଥିଲ । କିନ୍ତୁ ରମେଶ ବେଶ ଚତୁରତାର ସହ ଏଥିରୁ ଡେଇଁ ପଡ଼ିଥିଲେ । ଫଳରେ ସେ ବଞ୍ଚି ଯାଇଥିବା ଜଣାପଡ଼ିଛି ।

## ହସ୍ପିଟାଲ କ୍ୟାଣ୍ଟିନ ଧ୍ୱସ୍ତ

ଅହମଦାବାଦ ୧୨।୬: ଏୟାର ଇଣ୍ଡିଆ ଡ୍ରିମଲାଇନର ବି-୭୮୭ ବିମାନ ଦୁର୍ଘଟଣାରେ ଅହମଦାବାଦ ସିଭିଲ ହସ୍ପିଟାଲ ଷ୍ଟୁଡେଣ୍ଟ ହଷ୍ଟେଲ ସମେତ କର୍ମଚାରୀ କ୍ୱାର୍ଟର ଓ ଅନ୍ୟ ଆବାସିକ ଘର ଧ୍ୱଂସବିଧ୍ୱସ୍ତ ହୋଇଯାଇଛି । ଏଣୁ ଦୁର୍ଘଟଣାରେ ଅଞ୍ଚଳ ବାସିନ୍ଦା ମଧ୍ୟ



ହତାହତ ହୋଇଛନ୍ତି । ଏହି ଦୁର୍ଘଟଣାରେ ଆହତ ଅନୁନ୍ୟ ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫୦ ଜଣଙ୍କୁ ଅହମଦାବାଦ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତମାନଙ୍କୁ ଯଥାସମ୍ଭବ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦିଆଯାଇଛି । ଆହତଙ୍କ ଅବସ୍ଥା ଗୁରୁତର ଥିଲେବି ସ୍ଥିର ରହିଥିବା ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ କହିଛନ୍ତି । ଏହି ଦୁର୍ଘଟଣାରେ ଅଧିକାଂଶ ପୋଡି ହୋଇ ପ୍ରାଣ ହରାଇଛନ୍ତି । ଏଣୁ ମୃତକଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନଥିବାରୁ ବି.ଜେ. ମେଡିକାଲରେ ଡିଏନଏ ପରୀକ୍ଷଣ ବ୍ୟବସ୍ଥା କରାଯାଇଛି । ଏଣୁ ବିମାନ ଯାତ୍ରୀଙ୍କ ପରିବାର ସଦସ୍ୟ ଓ ନିକଟ ସମ୍ପର୍କୀୟ ବିଶେଷ କରି ସେମାନଙ୍କ ଅଭିଭାବକ ଓ ସନ୍ତାନସନ୍ତତିଙ୍କୁ ସେମାନଙ୍କ ନମୁନା ପ୍ରଦାନ କରିବାକୁ ନିବେଦନ କରିଛନ୍ତ । ଯାହାଦ୍ୱାରା ମୃତକଙ୍କ ଚିହ୍ନଟ ସୁଗମ ଓ ଶୀଘ୍ର ହୋଇପାରିବ ବୋଲି ସେ କହିଛନ୍ତି । ଏଥିରେ ଯଦି ଯାତ୍ରୀ ଓ ଅନ୍ୟ ଆହତଙ୍କ ସମ୍ପର୍କୀୟ ଯେଉଁମାନଙ୍କୁ ସିଭିଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ଯଦି ସୂଚନା ଚାହୁଁଥାନ୍ତି ସେଥି ପାଇଁ ଅହମଦାବାଦ ସିଭିଲ ହସ୍ପିଟାଲ ପକ୍ଷରୁ ଦୁଇଟି ହେଲପ୍ ଲାଇନ ନମ୍ବର ଜାରି କରାଯାଇଛି । ଏହି ନମ୍ବର ଦୁଇଟି ହେଉଛି ୬୩୫୭ ୩୭୩୮୩୧ ଓ ୬୩୫୭ ୩୭୩୮୪୧ । ଏହି ହେଲପଲାଇନ ନମ୍ବରରେ ୨୪ ଘଣ୍ଟିଆ । ସୂଚନା ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ନମ୍ବରରେ ବିମାନଯାତ୍ରୀ ଅଥବା ସ୍ଥାନୀୟ ଅଞ୍ଚଳର ଆହତଙ୍କ ସମ୍ପର୍କରେ ସମସ୍ତ ସୂଚନା ଯୋଗାଇ ଦିଆଯିବ ।

## ଟାଟାର ୧ କୋଟି ଘୋଷଣା

**ନୂଆଦିଲ୍ଲୀ,୧୨।୬(ମହାଭାରତ):** ଗୁଜୁରାଟରେ ଘଟିଥିବା ବିମାନ ଦୁର୍ଘଟଣାରେ ୨୪୧ ଲୋକଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏବେ ଟାଟା ଗ୍ରୁପ ଘୋଷଣା କରିଛି ଯେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ଦିଆଯିବ । ସେହିପରି ଆହତଙ୍କ ଚିକିତ୍ସା ବାବଦ ଖର୍ଚ୍ଚ ମଧ୍ୟ ବହନ କରାଯିବ ଓ ଏହା ସୁନିଶ୍ଚିତ କରାଯିବ ଯେ ସେମାନଙ୍କୁ ସବୁ ଆବଶ୍ୟକ ଦେଖାଶୁଣା ଓ ସହାୟତା ଯେପରି ମିଳିବ । ଏହା ଛଡା ଟାଟା ସମୂହ ବି.ଜେ.ମେଡିକାଲ ଛାତ୍ରାବାସ ନିର୍ମାଣ ଲାଗି ମଧ୍ୟ ସହାୟତା ପ୍ରଦାନ କରିବ ବୋଲି ଘୋଷଣା କରିଛି । ସମୂହ ପକ୍ଷରୁ କୁହାଯାଇଛି ଯେ ଏହି ଅକଳ୍ପନୀୟ ସମୟରେ ପ୍ରଭାବିତ ପରିବାର ଓ ସମୂଦାୟଙ୍କ ସହିତ ଆମେ ଛିଡା ହୋଇଛୁ ।

## ବିମାନ ଦୁର୍ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମୃତ୍ୟୁ

**ଅହମଦାବାଦ,୧୨।୬(ମହାଭାରତ):** ଗୁରୁବାର ଅହମଦାବାଦରେ ଏୟାର ଇଣ୍ଡିଆ । ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମୃତ୍ୟୁ ଘଟିଛି । ଗୁଜୁରାଟ ଭାଜପା ସଭାପତି ସି.ଆର. ପାଟିଲ ଏହା ନିଶ୍ଚିତ କରିଛନ୍ତି । ରୂପାନୀ ତାଙ୍କ ଝିଅକୁ ଭେଟିବାକୁ ଯାଉଥିଲେ । ଦୁର୍ଘଟଣାର ଖବର ପାଇବା ପରେ ରୂପାନୀଙ୍କ ଘରେ ଶୋକର ଛାୟା ଖେଳିଯାଇଥିଲା । ଏବେ ତାଙ୍କ ମୃତ୍ୟୁର ଖବର ପାଇବା ପରେ ତାଙ୍କ ପରିବାର ସଦସ୍ୟଙ୍କ ଫଟୋ ମଧ୍ୟ ସାମ୍ନାକୁ ଆସିଛି । ପୂର୍ବରୁ, ରୂପାନୀଙ୍କର ଆଉ ଏକ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ବିମାନରେ ବସିଥିବାର ଦେଖାଯାଇଥିଲା ।

ସି.ଆର. ପାଟିଲ କହିଛନ୍ତି, ଆମର ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ରୂପାନୀ ଏହି ବିମାନରେ ତାଙ୍କ ପରିବାରକୁ ଭେଟିବାକୁ ଲଣ୍ଡନ ଯାଉଥିଲେ । ସେ ମଧ୍ୟ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି ।ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ । ସେ ଆହୁରି କହିଛନ୍ତି, ଏହି ଦୁର୍ଘଟଣା ଏତେ ବଡ଼ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଗୁଜରାଟରେ ପହଞ୍ଚିଛନ୍ତି ।ସେ ଯାହା କରିପାରିବେ, ସେ



ଏଠାକୁ ଆସି ତାହା କରିବେ । ରୂପାନୀଙ୍କ ବୟସ ୬୮ ବର୍ଷ ଥିଲା । ସେ ୨୦୧୬ ରୁ ୨୦୨୦ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ । ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ, ରୂପାନୀ ଜୁଲାଇ ୨୦୦୬ ରୁ ୨୦୧୨ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ଥିଲେ । ୨୦୧୪ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ, ଆନନ୍ଦୀବେନ ପଟେଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ଥାନ ନେଇଥିଲେ । ପ୍ରାୟ ଦୁଇ ବର୍ଷ ପରେ, ଅଗଷ୍ଟ ୨୦୧୬ରେ, ବିଜୟ ରୂପାନୀ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ଆକାଶ ପଥରେ ଦ୍ୱିତୀୟ ଥର ପାଇଁ ଗୁଜରାଟର କୌଣସି ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ୬୮ ବର୍ଷୀୟ ରୂପାନୀଙ୍କ ପୂର୍ବରୁ ୬ ଦଶନ୍ଧି ପୂର୍ବରୁ ବଲବନ୍ତ ରାୟ ମେହେତା ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । କେବଳ ଗୁଜରାଟ ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ବିମାନ ଅଘଟଣରେ ହରାଇ ନାହିଁ । ୨୦୦୯ରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଏସ୍ ରାଜଶେଖର ରେଡ୍ଡୀଙ୍କ ହେଲିକପ୍ଟର ଖରାପ ପାଣିପାଗ ଯୋଗୁ ନାଲ୍ଲାମାଲା ଜଙ୍ଗଲରେ ଖସି ପଡ଼ିଥିଲା । ଏଥିଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା । ୨୦୧୧ରେ ଅରୁଣାଚଳ ପ୍ରଦେଶର ଦୋର୍ଜୀ ଖାଣ୍ଡୁ ହେଲିକପ୍ଟର କ୍ରାଶରେ ପ୍ରାଣ ହରାଇଥିଲେ । ବେଶ କିଛି ଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା ।

## ବିମାନରେ ୧.୨୫ ଲକ୍ଷ ଲିଟର ଇନ୍ଧନ ଥିଲା : ଶାହା

ଅହମ୍ମଦାବାଦ,୧୨।୬(ମହାଭାରତ): ଗୁରୁବାର ହୋଇଥିବା ଏୟାର ଇଣ୍ଡିଆ । ବିମାନ ଦୁର୍ଘଟଣା ପରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘଟଣାସ୍ଥଳକୁ ଯାଇ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଏହା ପରେ, ସେ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଥିଲେ ଏବଂ ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଅନ୍ୟମାନଙ୍କ ସହିତ ଏକ ବୈଠକ କରିଥିଲେ । ସେ କହିଛନ୍ତି ଯେ ସମଗ୍ର ଦେଶ ପୀଡିତ ପରିବାର ସହିତ ଠିଆ ହୋଇଛି ।

ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ଏୟାର ଇଣ୍ଡିଆ । ବିମାନ ଦୁର୍ଘଟଣାକୁ ନେଇ ସମଗ୍ର ଦେଶ ମର୍ମାହତ ପରିବାର ସହିତ ସମଗ୍ର ଦେଶ ଠିଆ ହୋଇଛି । ସର୍ବପ୍ରଥମେ, ଭାରତ ସରକାର, ଗୁଜୁରାଟ ସରକାର, ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ, ମୁଁ ପୀଡିତଙ୍କ ପ୍ରତି ମୋର ଗଭୀର ସମବେଦନା ପ୍ରକାଶ କରୁଛି । ସେ କହିଛନ୍ତି, ଏହି ଘଟଣା ପାଇଁ ସାରା ଦେଶ ଦୁଃଖିତ ମୁଁ ଦୁର୍ଘଟଣାରୁ ବଞ୍ଚିଯାଇଥିବା ଯାତ୍ରୀଙ୍କୁ ଭେଟିଛି । ଡିଏନଏ ପରୀକ୍ଷା ପରେ ମୃତକଙ୍କୁ ଚିହ୍ନଟ କରାଯିବ । ସାରା ଦେଶ ପୀଡିତଙ୍କ ପରିବାର ସହିତ ଠିଆ ହୋଇଛି ।ବିମାନରେ ୧.୨୫ ଲକ୍ଷ ଲିଟର ଇନ୍ଧନ ଥିଲା ନିଆଁ ଏତେ ଦ୍ରୁତ ଗତିରେ ଲାଗିଥିଲା ଯେ ସେମାନଙ୍କୁ ବଞ୍ଚାଇବାର କୌଣସି ସୁଯୋଗ ନଥିଲା । ଗୁଜରାଟରେ ପ୍ରାୟ ୧୦୦୦ ଡିଏନଏ ନମୁନା ପରୀକ୍ଷା କରାଯିବ । ତଦନ୍ତ ଦ୍ରୁତ ଗତିରେ ଆଗକୁ ବଢ଼ିବା ପାଇଁ ବିମାନ ମନ୍ତ୍ରୀ ମଧ୍ୟ ସୂଚନା ଦେଇଛନ୍ତି ବିମାନ ବିଭାଗ ଏହାର ତଦନ୍ତ ଆରମ୍ଭ କରିଛି ।

## ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୬(ମହାଭାରତ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟ ସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ । ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା । ଓଡିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି । ଆମ ସରକାରଙ୍କ ଏକ ହଲମାର୍କ ହେଉଛି, ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ । ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି । ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି । ଆଜି ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସାଧାରଣ ମାନଙ୍କୁ ଯୋଡିବାର ଆଉ ଏକ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ କହିଥିଲେଯେ ଆମେ ଏହି ବର୍ଷେ ମଧ୍ୟରେ ଲାଗୁ



କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗିଦାରୀର ବ୍ୟାପକ ଆବଶ୍ୟକତା ରହିଛି । ବିଭିନ୍ନ ସୂଚନା ଓ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହିତ ଯୋଡିବା ଆମର ଲକ୍ଷ୍ୟ । ଏହା ଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେଯେ, ସ୍ୱଚ୍ଛ, ଉତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରର, ପ୍ରଶାସନକୁ ଜନ ସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗଡିବ ସ୍ୱତନ୍ତ୍ର 'ବିକାଶ ବାହନ' ।ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚିବ । ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ । ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ୍ୟ ଦେଖିପାରିବେ ।

ଏହି ଅବସରରେ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେଯେ, ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନର ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି । କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶାର ନିର୍ମାଣ ପାଇଁ ସଂକଳ୍ପବଦ୍ଧ । ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି । ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି । ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ ।ଇତ୍ୟବସରରେ, ଏକାମ୍ର-ଭୁବନେଶ୍ୱର ବିଧାୟକ, ବାବୁ ସିଂ ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ କମିଶନର ତଥା ସଚିବ ଗିରିଶ ଏସ. ଏନ ଧନ୍ୟବାଦ ଦେଇଥିଲେ ।

## ବ୍ରେଡ ମଲାଇ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କ ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରିମ, ଏକ ଚାମଚ ଲହୁଣୀ ଦିଅନ୍ତୁ । ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ । ଏବେ ସେଥିରେ କିଛି ମିଲ୍କ ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ । ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ । ଏବେ ସେଥିରେ ଚିନି ଦିଅନ୍ତୁ । ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ । ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ । ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ । ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ । ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ । ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ । ଥଣ୍ଡା ହେବା ପରେ ପରଷନ୍ତୁ ।



### ଖବର

## ଆସିଲା 'ଦି ବେଙ୍ଗଲ ଫାଇଲ୍ସ' ଟିଜର




୨୦୨୨ରେ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶନାରେ ଆସିଥିଲା 'ଦି କାଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର। ଏହା ଖୁବ୍ ଲୋକପ୍ରିୟତା ହାସଲ କରିଥିଲା ଏବଂ ବକ୍ସ ଅଫିସରେ ଭଲ ଆୟ ମଧ୍ୟ କରିଥିଲା। ଏହାପରେ ନିର୍ଦ୍ଦେଶକ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଦି ବେଙ୍ଗଲ ଫାଇଲ୍ସ'କୁ ନେଇ ଏବେ ଚର୍ଚ୍ଚାରେ, ଯାହାର ଟିଜର ଗୁରୁବାର ରିଲିଜ୍ ହୋଇଛି। ଟିଜର ଦେଖି ଲୋମ ଟାଙ୍କୁରି ଉଠିବ। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, କାଶ୍ମୀର ଆଘାତ ଦେଇଛି, ବେଙ୍ଗଲ ଡରାଇବ।'ଦି କାଶ୍ମୀର ଫାଇଲ୍ସ'ରେ ଘାଟିରୁ କାଶ୍ମୀର ହିନ୍ଦୁଙ୍କ ପଳାୟନର ଯନ୍ତ୍ରଣାକୁ ପରଦାରେ ଚିତ୍ରଣ କରିଥିଲେ। ଏହି ଫିଲ୍ମରେ ବେଙ୍ଗଲର ଚିତ୍ର ପ୍ରଦର୍ଶିତ କରାଯାଇଛି। ଫିଲ୍ମର ଷ୍ଟାରକାଷ୍ଟ ମଧ୍ୟ 'ଦି କାଶ୍ମୀର ଫାଇଲ୍ସ' ସହିତ ପ୍ରାୟ ସମାନୟ ଟିଜରରେ ହୃଦୟ ବିଦାରକ ଦୃଶ୍ୟ ରହିଛି। ଏହି ଫିଲ୍ମରେ ଭାରତର ଅତୀତର କଳା ଅଧ୍ୟାୟକୁ ଦର୍ଶାଯିବ।ବିବେକ ଅଗ୍ନିହୋତ୍ରୀଙ୍କ ଏହି ଚଳଚ୍ଚିତ୍ରର ନାମ ପ୍ରଥମେ 'ଦି ଦିଲ୍ଲୀ ଫାଇଲ୍ସ' ରଖାଯାଇଥିଲା, କିନ୍ତୁ ପରେ ଏହାକୁ ପରିବର୍ତ୍ତନ କରାଯାଇଥିଲା। ଫିଲ୍ମଟି ଅଭିଷେକ ଅଗ୍ରୱାଲ ଏବଂ ପଲ୍ଲବୀ ଜୋଶୀଙ୍କ ପ୍ରଯୋଜନାରେ ନିର୍ମିତ। ଏଥିରେ ମିଥୁନ ଚକ୍ରବର୍ତ୍ତୀ, ଅନୁପମ ଖେର, ପଲ୍ଲବୀ ଜୋଶୀ ଓ ଦର୍ଶନ କୁମାର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ୫ରେ ପରଦାକୁ ଆସିବ 'ଦି ବେଙ୍ଗଲ ଫାଇଲ୍ସ'।

## ରାମାୟଣ : ଭରତଙ୍କ ସ୍ୱପ୍ନ

ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ରାମଚନ୍ଦ୍ର ବନବାସ ଯିବା ସମୟରେ ତାଙ୍କୁ ୨୭ ବର୍ଷ ହୋଇଥିଲା । ରାଜା ଦଶରଥ ଶ୍ରୀରାମଙ୍କୁ ବନବାସ ପଠାଇବାକୁ ଚାହୁଁନଥିଲେ । ମାତ୍ର ସେ ବଚନବଦ୍ଧ ଥିଲେ । ଶ୍ରୀରାମଙ୍କୁ ଅଟକାଇବାର କୌଣସି ଉପାୟ ନପାଇ ଦଶରଥ କହିଥିଲେ ଯେ ମୋତେ ବନ୍ଦୀ କରି ତୁମେ ନିଜେ ରାଜା ହୋଇଯାଅ । ହେଲେ ରାମ ବନବାସ ଚାଲିଗଲେ। ଏହାପରେ ଦଶରଥଙ୍କ ମୃତ୍ୟୁ ଘଟିଲା। ପିତାଙ୍କ ମୃତ୍ୟୁର ଆଭାସ ଭରତ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ଜାଣିପାରିଥିଲେ । ସ୍ୱପ୍ନରେ ସେ ଦଶରଥଙ୍କୁ କଳା ବସ୍ତ୍ର ପରିଧାନ କରିଥିବା ଦେଖିଥିଲେ । ତାଙ୍କ ଉପରେ ହଳଦିଆ ରଙ୍ଗର ସ୍ତ୍ରୀ ଲୋକମାନେ ପ୍ରହାର କରୁଥିଲେ । ଭରତ ସ୍ୱପ୍ନରେ ଦେଖିଲେ ଯେ ରାଜା ଦଶରଥ ଲାଲ୍ ରଙ୍ଗର ଫୁଲ ମାଳପକାଇ ଲାଲ ଚନ୍ଦନ ଲଗାଇ ଗଧ ଟାଣୁଥିବା ରଥରେ ବସି ଦକ୍ଷିଣ ଦିଗ (ଯମଙ୍କ ଦିଗ) ଆଡ଼କୁ ଯାଉଥିଲେ ।



## ଖାଆନ୍ତୁ କଦଳୀ ଚୋପା

ପ୍ରତ୍ୟେକ ବୟସରେ କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହା ଖୁବ ସ୍ୱାଦିଷ୍ଟ ମଧ୍ୟ ପୋଷକ ତ□ରେ ଭରପୁର କଦଳୀ, ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ବୋଲି କୁହାଯାଏ। କଦଳୀର ଉପକାରୀ ଗୁଣ ବିଷୟରେ ସମସ୍ତଙ୍କୁ ଜଣା। ମାତ୍ର ଏହାର ଚୋପାର ଉପକାରୀ ଗୁଣ ବିଷୟରେ ଜାଣିଛନ୍ତି କି ? ଅଧିକାଂଶ ଲୋକେ ସାଧାରଣତଃ କଦଳୀ ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଆନ୍ତି। ମାତ୍ର ଏହାର ଚୋପା ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ। କଦଳୀ ଓ ଏହାର ଚୋପା ଉଭୟ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ ଉପକାର କରିଥାଏ। ସବୁଜ କଦଳୀ ପାଚନ ଜନିତ ସମସ୍ୟା ଦୂର କରିବା ପାଇଁ ଅଧିକ ପ୍ରଭାବଶାଳୀ। ଏହାସହ ପାଚିଲା କଦଳୀ ଶରୀରକୁ ଅନେକ ସଂକ୍ରମଣରୁ ରକ୍ଷା କରିଥାଏ। କଦଳୀ ଚୋପାରୁ ସ୍ୱାସ୍ଥ୍ୟକର ଜଳଖିଆ ଓ ମିଠା ମଧ୍ୟ ପ୍ରସ୍ତୁତ କରି ହେବ। କଦଳୀର ଭିତର ଅଂଶ ନରମ ଓ ମିଠା ହୋଇଥାଏ। ମାତ୍ର କଦଳୀ ଚୋପାକୁ ସେବନ କରିବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଆବଶ୍ୟକ।କଦଳୀ ଚୋପାରେ କ୍ୟାଲୋରୀ, କାର୍ବୋହାଇଡ୍ରେଟ, ଶର୍କରା, ଫାଇବର, ପୋଟାସିୟମ, ପ୍ରୋଟିନ, ଭିଟାମିନ ଏ, କ୍ୟାଲସିୟମ ଓ ଆଇରନ ସମେତ ଅନେକ ପୋଷକ ତ□ ରହିଛି। ଏହାର ସେବନ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତ□ ମିଳିଥାଏ। ଏହା ଶରୀରକୁ ମଜଭୂତ କରିଥାଏୟ କଦଳୀ ଚୋପାରେ ଥିବା ଏକ ପ୍ରକାର ପୋଷକ ତ□ ମାନସିକ ସୁସ୍ଥତା ବଜାୟ ରଖେ। ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ। ଶାନ୍ତି ଅନୁଭବ ହୋଇଥାଏ। ଚୋପାରେ ଥିବା ଭିଟାମିନ ବି୬ ଉତ୍ତମ ନିଦରେ ମଧ୍ୟ ସହାୟକ ହୋଇଥାଏ। ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏୟକଦଳୀ ଚୋପାରେ ଫାଇବର ପ୍ରଚୁର ମାତ୍ରାରେ ରହିଛି। ପେଟ ଖରାପ ସମୟରେ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କଦଳୀ ଚୋପା ଖାଇବା ଖୁବ୍ ଉପକାରୀ। ଚକ୍ଷୁକୁ ସୁସ୍ଥ ରଖିବା ପାଇଁ କଦଳୀ ଚୋପାର ସେବନ କରିବା ଉଚିତୟ ଏଥିରେ ଥିବା ଭିଟାମିନ ଏ ଆଖିକୁ ସୁସ୍ଥ, ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ। ଏହି ଭିଟାମିନ କଦଳୀ ଓ ଏହାର ଚୋପା ଉଭୟରେ ପ୍ରଚୁର ମାତ୍ରାରେ ରହିଛିୟକଦଳୀ ଚୋପାରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ରହିଛି। କଦଳୀ ଚୋପାର ସେବନ କରିବା ଦ୍ୱାରା ଆଣ୍ଟି-ଅକ୍ସିଡା□ ସ୍ତର ବୃଦ୍ଧି ହୋଇଥାଏ। ଏହାସହ କର୍କଟ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ।



## ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍



ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।

ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ



## ଧଳା କେଶରୁ ରକ୍ଷା ପାଇବାର ଘରୋଇ ଉପାୟ

ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ସମସ୍ତେ ସୁନ୍ଦର ଓ ଯବାନ୍ ଦେଖାଯିବାକୁ ଚାହାନ୍ତି। କିନ୍ତୁ ବୟସ, ପ୍ରଦୂଷଣ ଓ ବିଜି ଲାଇଫ୍ ଯୋଗୁ କେଶଗୁଡ଼ିକ ବୟସ ହେବା ପୂର୍ବରୁ ଧଳା ପଡ଼ିଯାଇଥାଏ। ଆଜିକାଲି ଯୁବପୀଢିଙ୍କ ମଧ୍ୟରେ କେଶ ଧଳା ହେବା ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି।



ଅନେକ ମହିଳା ଅଛନ୍ତି, ଯାହାଙ୍କ କେଶ ବୟସ ପୂର୍ବରୁ ଧଳା ପଡ଼ିଯାଇଥାଏ। ଯାହାଫଳରେ କି ଅନେକ ମହିଳା ଧଳା କେଶକୁ ଲୁଚାଇବା ପାଇଁ ବିଭିନ୍ନ କେମିକାଲ୍ ଯୁକ୍ତ ରଙ୍ଗକୁ ବ୍ୟବହାର କରିଥାନ୍ତି। ଏପରି କରିବା ଦ୍ୱାରା କିଛି ଦିନ କେଶଗୁଡ଼ିକ ଧଳା ରହେ କିନ୍ତୁ ଅନ୍ୟାନ୍ୟ ସମସ୍ୟାର ଆଶଙ୍କା ବଢିଯାଇଥାଏ। ଏହି କାରଣରୁ, ଆଜି ଆମେ ଆପଣଙ୍କ ପାଇଁ କିଛି ସହଜ ଘରୋଇ ଟିପ୍ସ କହିବୁ, ଯାହା ଆପଣଙ୍କ କେଶକୁ ଧଳା ହେବାରୁ ରକ୍ଷା କରିବ:

ଅଁଳା : ପ୍ରଥମେ ଆପଣ ତିନିରୁ ଚାରୋଟି ଅଁଳା ନିଅନ୍ତୁ। ଗୋଟେ କପ୍ ନଡ଼ିଆ ତେଲ। ପ୍ରଥମେ ଅଁଳାକୁ ଭଲ ଭାବରେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ପରେ ଏକ ପ୍ୟାନରେ ନଡିଆ ତେଲ ପକାଇ ସେଥିରେ ଅଁଳା ଖଣ୍ଡକୁ ପକାଇ ଭଲ ଭାବରେ ଫୁଟାନ୍ତୁ। ୧୦ ମିନିଟ୍ ଫୁଟାଇବା ପରେ ଏହି ମିଶ୍ରଣକୁ ଏକ ପାତ୍ରରେ ରଖିଦିଅନ୍ତୁ। ପରେ ଏହି ମିଶ୍ରଣକୁ ଆପଣଙ୍କ କେଶରେ ମାଲିସ୍ କରନ୍ତୁ। ଏକରୁ ଦୁଇ ଘଣ୍ଟା ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ ରୁ ୪ ଥର କରନ୍ତୁ। ଅଁଳା କେଶ ପାଇଁ ଏକ ଟନିକ୍ ଭାବରେ କାମ କରିଥାଏ। ଏଥିରେ ଭିଟାମିନ୍ 'ସି' ରହିଥାଏ। ଏହା କେଶରେ ଆଣ୍ଟିଅକ୍ସିଡାଣ୍ଟ ଏଜେଣ୍ଟ ଭାବରେ କାମ କରିବା ସହିତ କେଶର ଅନେକ ଲାଭ ହୋଇଥାଏ। କେଶକୁ ଘନ କରିବା ସହିତ ମଜଭୁତ ମଧ୍ୟ କରିଥାଏ। ଧଳା ହେବାରୁ ରକ୍ଷା ମଧ୍ୟ କରିଥାଏ।

ଭୃଙ୍ଗରାଜ ପତ୍ର : ନଡ଼ିଆ ତେଲରେ ଭୃଙ୍ଗରାଜ ପତ୍ରକୁ ମିଶାଇ ଭଲ ଭାବରେ ଫୁଟାନ୍ତୁ। ପରେ ତେଲକୁ ଛାଣି ଦେଇ କିଛି ସମୟ ଥଣ୍ଡା କରିଦିଅନ୍ତ। ଏହି ମିଶ୍ରଣକୁ କେଶରେ ମାଲିସ୍ କରନ୍ତୁ। କେଶରେ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ରଖି ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ଦୁଇଥର କରନ୍ତୁ। ଆପଣ ଏହାକୁ ଧଳା କେଶର ଚିକିତ୍ସା ଭାବରେ ବ୍ୟବହାର କରିପାରିବେ। ଭୃଙ୍ଗରାଜ ପତ୍ର କେଶରେ ମେଲାନିନ ପିଗମେଣ୍ଟେସନ ବଢିବାରେ ସାହାଯ୍ୟ କରିଥାଏ।

# ମହିଳା ଓ ଶିଶୁ ପ୍ରତିଷ୍ଠାନ ପରିଦର୍ଶନରେ ରାଜ୍ୟପାଳ



ଭୁବନେଶ୍ୱର,୧୨।୬ (ମହାଭାରତ): ମହିଳା ଓ କିଶୋରୀମାନଙ୍କର ରକ୍ତହୀନତା ଏବଂ ପିଲାମାନଙ୍କର ଦୃଷ୍ଟି ସମସ୍ୟା ନିରାକରଣ ଉପରେ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି । ଚଳିତ ଜୁନ ୧୦ ତାରିଖ ଦିନ ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଏବଂ ଶିଶୁ ପ୍ରତିଷ୍ଠାନ ପରିଦର୍ଶନ ସମୟରେ ବୃଦ୍ଧି ପାଉଥିବା ରକ୍ତହୀନତା ଓ ଦୃଷ୍ଟି ସମସ୍ୟା ଚିନ୍ତାଜନକ ବୋଲି ରାଜ୍ୟପାଳ କହିବା ସହିତ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ । ନିୟମିତ ପରୀକ୍ଷା ଏବଂ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରି ହିମୋଗ୍ଲୋବିନ ସ୍ତରକୁ ଉନ୍ନତ କରିବାରେ ସାହାଯ୍ୟ କରିବା ପାଇଁ ଦୈନନ୍ଦିନ ଖାଦ୍ୟରେ ଗାଜର- ବିଟ୍ ଜୁସ୍, ଚିକି ଭଳି ଖାଦ୍ୟ ସମଗ୍ରୀ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ଏହିପରି ଖାଦ୍ୟପେୟର ଉପଯୋଗୀତା ଜାଣିବା ପାଇଁ ପରବର୍ତ୍ତୀ ପରୀକ୍ଷା ଉପରେ ମଧ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ସ୍କୁଲ ପିଲାମାନଙ୍କ ମଧ୍ୟରେ ବର୍ଦ୍ଧିତ ଦୃଷ୍ଟି ସମସ୍ୟା ଉପରେ ରାଜ୍ୟପାଳ ଚିନ୍ତା ପ୍ରକଟ କରି ପ୍ରତ୍ୟେକ ସ୍କୁଲରେ ଅତି କମରେ ଜଣେ ଶିକ୍ଷକଙ୍କୁ ପିଲାଙ୍କର ଆଖି ସମସ୍ୟା ଚିହ୍ନଟ ପାଇଁ ମୌଳିକ ତାଲିମ ଦିଆଯିବାର ଆବଶ୍ୟକତା ରହିଛି ବୋଲି କହିବା ସହିତ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରିବେ ବୋଲି କହିଥିଲେ । ପରିଦର୍ଶନ ସମୟରେ ରାଜ୍ୟପାଳ ପ୍ରତିଷ୍ଠାନରେ ଉପଲବ୍ଧ ସୁବିଧା, ମାଳତୀ ଚୌଧୁରୀ ନିବାସ, ରେସିପି ଓ ଟୋୟାଥନ ପ୍ରଦର୍ଶନ ୟୁନିଟ, ମଡେଲ ଅଙ୍ଗନବାଡି କେନ୍ଦ୍ର, ଯୋଗକେନ୍ଦ୍ର ଏବଂ ପାଠାଗାର ପରିଦର୍ଶନ କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କର ତାଲିମ, ଉପଲବ୍ଧ ସୁବିଧା ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ ଅଛନ୍ତି କି ନାହିଁ ପଚାରି ବୁଝିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସମସ୍ତ ଯୋଜନାଗୁଡିକ ତାଲିକାଭୁକ୍ତ କରି ଏବଂ ପୁସ୍ତିକା ପ୍ରସ୍ତୁତ କରି ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀମାନଙ୍କୁ ବଂଟନ କରିବାକୁ କର୍ମକର୍ତ୍ତାମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ହେଲେ ଆଗ ଧାଡ଼ିର କର୍ମୀମାନଙ୍କ ଦ୍ୱାରା ତୃଣମୂଳ-ସ୍ତରରେ ସଚେତନତା ବୃଦ୍ଧି କରିବାରେ ସହାୟକ ହେବ ଏବଂ ଅଧିକ ଲୋକ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ବୋଲି କହିଥିଲେ । ଏହି ଅବସରରେ ପ୍ରତିଷ୍ଠାନର କାର୍ଯ୍ୟଧାରା ସମ୍ପର୍କିତ ତଥ୍ୟ ରାଜ୍ୟପାଳଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ ।

# ପାର୍ଟ ପ୍ଲଟ୍ ବିକ୍ରି ପାଇଁ ସମସ୍ତ କଟକଣା ହଟିଲା



ଭୁବନେଶ୍ୱର,୧୨।୬ (ମହାଭାରତ): ରାଜ୍ୟରେ ହଟିଲା ପାର୍ଟ ପ୍ଲଟ୍ ବିକ୍ରି ପାଇଁ ସମସ୍ତ କଟକଣା । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । 'ଝିଅ ବାହାଘର ଓ ଉଚ୍ଚ ଶିକ୍ଷା ପାଇଁ ଟଙ୍କା ଯୋଗାଡ଼ ସମସ୍ୟା ହଟିଲା । '୫ ହଜାର ୨୦୦ ବର୍ଗଫୁଟ୍‌ର ପାର୍ଟ ପ୍ଲଟ୍ ବିକ୍ରି କଟକଣା ହଟିଲା । ଷ୍ଟେକ୍ ହୋଲର୍ଡଙ୍କୁ ଆଖି ଆଗରେ ରଖି ବ୍ୟବସ୍ଥା କରାଯାଇଛି । କୃଷି ଜମି ଉପରେ ସମସ୍ତ କଟକଣା ହଟିଛି । କେବଳ ଘର ବାଡ଼ି ଜମିରେ କଟକଣା ରହିଛି । ଖୁବଶୀଘ୍ର ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ୍ ନେଇ ବାଟ ଫିଟିବ ବୋଲି ମନ୍ତ୍ରୀ କହିଛନ୍ତି ।

ପାର୍ଟ ପ୍ଲଟ ବିକ୍ରି ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ ପାର୍ଟ ପ୍ଲଟ ବିକ୍ରି ପାଇଁ ସଂପୂର୍ଣ୍ଣ ବାଟ ବନ୍ଦ ଥିଲା । ଝିଅ ବାହାଘର ହେଉ ବା ଉଚ୍ଚ ଶିକ୍ଷା ପାଇଁ ଯାହାର ଜମି ବିକିବା ଛଡା ଅନ୍ୟ କିଛି ବାଟ ନଥିଲା ସେମାନେ ହଇରାଣ ହେଉଥିଲେ । ଏବେ ୫ ହଜାର ୨୦୦ ସ୍କୋୟାର ଫୁଟ ପାର୍ଟ ପ୍ଲଟ ବିକିବା ପାଇଁ ସମସ୍ତ କଟକଣା ହଟିଲା । ପ୍ଲଟିଂ କରି ବିକୁଥିଲେ ଲେ ଆଉଟ ପ୍ରସ୍ତୁତ କରିବାକୁ ପଡିବ । ୯ ମିଟର ରାସ୍ତା ଛାଡ଼ି ବିକିବାକୁ ହେବ । ଡ୍ରେନ, ପାର୍କିଙ୍ଗ, ଓପନ ପ୍ଲେସ ପାଇଁ ଅନୁସାଙ୍ଗିକ ବ୍ୟବସ୍ଥା ରଖିଲେ ଲେ ଆଉଟ କରି ବିଡିଏ କିମ୍ବା ଗ୍ରାମାଂଚଳରେ ବିଡ଼ିଓଙ୍କ ନିକଟରେ ଦାଖଲ ପରେ ବିକି ପାରିବେ । ଗତ ସମୟରେ ଦୀର୍ଘ ଦିନ ଧରି ପାର୍ଟ ପ୍ଲଟ ବିକ୍ରୀ ବନ୍ଦ ଥିବାରୁ ସରକାର କ୍ଷତି ସହୁଥିଲେ ଏବଂ ଲୋକ ହଇରାଣ ହେଉଥିଲେ । ସମସ୍ତ ଷ୍ଟେକ ହୋଲଡରଙ୍କ ଆଖି ଆଗରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି । କୃଷି ଜମି ଉପରେ ସମସ୍ତ କଟକଣା ହଟିଛି । କେବଳ ଘର ବାଡ଼ି ଜମିରେ କଟକଣା ରହିଛି । ଖୁବ୍ ଶୀଘ୍ର ଆପାର୍ଟମେଂଟ ରେଜିଷ୍ଟ୍ରେସନ ନେଇ ମଧ ବାଟ ଫିଟିବ । ଏଥିପାଇଁ ଫାଇଲ ପ୍ରୋସେସିଂ ଆରମ୍ଭ ହୋଇଛି । ଚୁଡାନ୍ତ ପ୍ରକ୍ରିୟାରେ ଅଛି । ଅତୀତ ସରକାର ଯଦି ସମସ୍ୟାକୁ ଜାଣି ତାର ସମାଧାନ କରିଥାନ୍ତେ ଲୋକ ହଇରାଣ ହୋଇ ନଥାନ୍ତେ କି ସରକାରଙ୍କ ହଜାର ହଜାର କୋଟିର କ୍ଷତି ହୋଇଛି ନଥାନ୍ତା ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

# ସାଇବିହାର ସୋସାଇଟିରେ ରକ୍ତଦାନ ଶିବିର

ଭୁବନେଶ୍ୱର,୧୨।୬ (ମହାଭାରତ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୂର କରିବା ଲକ୍ଷ୍ୟ ନେଇ ଗାଡକଣ ସ୍ଥିତ ଓଁ ସାଇ ବିହାର ସୋସାଇଟିରେ, ଅଗ୍ରଣୀ ସ୍ୱଚ୍ଛାସେବୀ ସଂଗଠନ ଜୟ ଓଡ଼ିଶାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରି ଏକ ଉଦାହରଣ ସୃଷ୍ଟି କରିଛି । ଏହା ଜୟ ଓଡ଼ିଶାର ରକ୍ତଦାନ ଅଭିଯାନର କ୍ରମାଗତ ଭାବେ ସପ୍ତମ ରକ୍ତଦାନ ଶିବିର, ଯାହାର ଲକ୍ଷ୍ୟ ଏହି ବର୍ଷ ୧୦୦ ଗୋଟି ସଂସ୍ଥା ସହ ମିଶି ରକ୍ତଦାନ ଶିବିର ଆୟୋଜନ କରିବା । ଏହି ରକ୍ତଦାନ ଶିବିରରେ ଓଁ ସାଇ ବିହାରର ବାସିନ୍ଦାମାନେ ଯୋଗଦାନ ଦେଇ ରକ୍ତଦାନ କରିଥିଲେ ।




ଏହି ଅବସରରେ ଭୁବନେଶ୍ୱର ନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ତାଙ୍କ ସହିତ ସ୍ଥାନୀୟ କର୍ପୋରେଟର, ପୋଲିସ ଏସିପି ଲଲାଟେନ୍ଦୁ ମହାନ୍ତି ଓ ଜୟ ଓଡ଼ିଶାର ପ୍ରତିଷ୍ଠାତା ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ଓମ୍ ସାଇ ବିହାର ସୋସାଇଟିର ସଭାପତି ସୁଶୀଲ ସିଂ, ସମ୍ପାଦକ ଉମାକାନ୍ତ ଗୁରୁ ଉପସ୍ଥିତ ଥିଲେ ।

ଏହି ଅବସରରେ ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି ଏହି ରକ୍ତଦାନ ଶିବିରର ସବୁଠୁ ବଡ଼ ଆକର୍ଷଣ ହେଉଛି ଗୃହିଣୀମାନଙ୍କ ଅଭୁତପୂର୍ବ ଭାଗୀଦାରୀ । ଏପର୍ଯ୍ୟନ୍ତ ଆମେ ଦେଖିଛୁ ଯେ, ଅଧିକାଂଶ ରକ୍ତଦାନ ଶିବିରରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ କମ୍ ଥାଏ, କିନ୍ତୁ ଓଁ ସାଇ ବିହାରରେ ଗୃହିଣୀମାନେ ଉତ୍ସାହୀ ହୋଇଥିଲାବେଳେ ସ୍ୱଇଛାରେ ଯୋଗଦେଇ ରକ୍ତଦାନ କରିଥିଲେ । ସେମାନଙ୍କ ଏହି ପଦକ୍ଷେପ ସମାଜ ପାଇଁ ଏକ ଦୃଢ଼ ଓ ଶକ୍ତିଶାଳୀ ବାର୍ତ୍ତା । ମୁଁ ସେମାନଙ୍କ ଏହି ଉଦ୍ୟମ ପ୍ରତି ଗଭୀର ପ୍ରଶଂସା ଜଣାଉଛି ।

ଏହି ରକ୍ତଦାନ ଶିବିରକୁ ଓଁ ସାଇ ବିହାରର ସଭାପତି, ଧୀରେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ, ସରୋଜ କୁମାର ପ୍ରଧାନ, ବିଷ୍ଣୁ ପ୍ରସାଦ ସାହୁ, ସୂର୍ଯ୍ୟଦିପ୍ତ ରଣା, ସତ୍ୟ ରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ ଆଦି ପରିଚ୍ଳନା କରିଥିଲେ ।

# ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର ଯୁଦ୍ଧକାଳୀନ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର,୧୨।୬ (ମହାଭାରତ): ଯାଜପୁର ଜିଲ୍ଲାରେ ହଠାତ୍ ଦେଖାଦେଇଥିବା ଝାଡାବାନ୍ତି ରୋଗର ଚିକିତ୍ସା ଓ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଯୁଦ୍ଧକାଳୀନ ଭିଳିରେ କ୍ଷେତ୍ରସ୍ତରୀୟ କାର୍ଯ୍ୟ ଆରମ୍ଭ କରାଯାଇଛି । ପ୍ରଭାବିତ ଧର୍ମଶାଳା, ବ୍ୟାସନଗର ପୌରାଂଚଳ, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକ ସମେତ ଆଖପାଖ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଟିମ୍ ମାନେ ବିଭିନ୍ନ କାର୍ଯ୍ୟକ୍ରମ କୁ ବ୍ୟାପକ କରିଛନ୍ତି ।

ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍. ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା ଏବଂ ଜନ ସ୍ୱାସ୍ଥ୍ୟସେବା ଟିମ୍ ମାନେ ସମନ୍ୱିତ ଭାବେ କ୍ଷେତ୍ରସ୍ତରୀୟ କାର୍ଯକ୍ରମକୁ ସଘନ ଓ ଲକ୍ଷଭେଦୀ କରିଛନ୍ତି । ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ରାଜ୍ୟସ୍ତରରୁ ସ୍ୱତନ୍ତ୍ର ଭାବେ ୨ଟି ରାପିଡ ଆକ୍ସନ ଟିମ୍ ପ୍ରଭାବିତ ଅଂଚଳରେ ପହଂଚି ଜିଲ୍ଲା ଟିମ୍ ସହିତ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି । ରାଜ୍ୟସ୍ତରୀୟ ଟିମ୍ ରେ ଡାକ୍ତର, ମାଇକ୍ରୋବାୟୋଲୋଜି ବିଶେଷଜ୍ଞ, ସଂକ୍ରାମକ ରୋଗ ବିଜ୍ଞାନୀ ଆଦିଙ୍କୁ ସାମିଲ କରାଯାଇଛି । ସମନ୍ୱିତ ରୋଗ ନିରୀକ୍ଷଣ ପରିଯୋଜନାର ଯୁଗ୍ମ ନିର୍ଦ୍ଦେଶକ ନିଜ ଟିମ୍ ସହ ମଧ କ୍ଷେତ୍ର ଅନୁଧ୍ୟାନ କରୁଛନ୍ତି ।



ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ଯାଜପୁର ଏବଂ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କଟକରୁ ବିଶେଷଜ୍ଞ ଡାକ୍ତରମାନଙ୍କୁ ପ୍ରଭାବିତ ଅଂଚଳରେ ବିଶେଷଜ୍ଞ ସେବା ନିମନ୍ତେ ନିୟୋଜନ କରାଯାଇଛି । ସଂକ୍ରମିତ ହୋଇଥିବା ରୋଗୀମାନଙ୍କୁ ଧର୍ମଶାଳା, ଯାଜପୁର ରୋଡ, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି । ଏହି ଚିକିତ୍ସାଳୟମାନଙ୍କୁ ଯଥେଷ୍ଟ ପରିମାଣର ଔଷଧ, ସାଲାଇନ, ଇଞ୍ଜେକସନ ଆଦି ସହ ଅଧିକ ମାନବ ସମ୍ବଳ ଯୋଗାଇ ଦିଆଯାଇଛି । ଗୁରୁତର ରୋଗୀମାନଙ୍କୁ କଟକ ବଡ଼ ମଡ଼ିକାଲରେ ଚିକିତ୍ସା କରାଯାଉଛି । ରେଫର ହୋଇଆସିଥିବା ରୋଗୀମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଏସ୍.ସି.ବି ର ଅଧକ୍ଷଙ୍କୁ କୁହାଯାଇଛି ।

ଗ୍ରାମୀଣ ପାଇପ୍ ଜଳ ଯୋଗାଣ ଟିମ୍ କ୍ଷେତ୍ରସ୍ତରରେ ସମସ୍ତ ପାନୀୟ ଜଳ ସ୍ରୋତ ଓ ଜଳ ଉତ୍ସକୁ ବିଶୋଧିତ କରୁଛନ୍ତି । ଖାଦ୍ୟ ତନଖି ଟିମ୍ ଏବଂ ରୋଗ ନିରୀକ୍ଷଣ ଟିମ୍ କ୍ଷେତ୍ରସ୍ତରରେ ସେମାନଙ୍କର କାର୍ଯ୍ୟକ୍ରମକୁ ସଘନ କରିଛନ୍ତି । ତୃଣମୂଳ ସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗଓ୍ୱାଡ଼ି କର୍ମୀ, ବହୁମୁଖି ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଯଥେଷ୍ଟ ପରିମାଣର ହାଲୋଜେନ୍ ବଟିକା, ଓ.ଆର.ଏସ୍ ପ୍ୟାକେଟ, ଔଷଧ ଓ ସଚେତନତା ବାର୍ତା । ସମନ୍ୱିତ ସୂଚନାପତ୍ର ଆଦି ଲୋକମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଗାଇ ଦିଆଯାଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ଗଣ ସଚେତନତା, ମାଇକ ମାଧ୍ୟମରେ ସୂଚନା ପ୍ରଚାର ଆଦି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି ।

ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ନେବା, ବାହାରର ଦୂଷିତ ଖାଦ୍ୟ ନ ଖାଇବା, ନିରାପଦ ଜଳ ପିଇବା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଜନିତ ଅଭ୍ୟାସ ଆଦିକୁ ଆପଣେଇବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । କ୍ଷେତ୍ରସ୍ତରୀୟ ବାସ୍ତବ ସ୍ଥିତିକୁ ସକ୍ରିୟ ଭାବେ ଅନୁଧ୍ୟାନ, ନିରୀକ୍ଷଣ ଓ ପରିଚାଳନା କରାଯାଉଛି ।

# ବୟସ୍କ, ଦିବ୍ୟାଙ୍ଗଙ୍କୁ ଘରେ ମିଳିବ ପେନସନ

ଭୁବନେଶ୍ୱର,୧୨।୬ (ମହାଭାରତ): ଓଡ଼ିଶା ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେଉଁ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ପେନସନ୍ ଗ୍ରହଣ କରିବାକୁ ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କୁ ଘରେ ପେନସନ୍ ପହଞ୍ଚାଇବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରନ୍ତୁ । ରାଜ୍ୟ ସରକାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାନଙ୍କୁ ମଧୁ ବାବୁ ପେନସନ୍ ଯୋଜନା ଅଧୀନରେ ୮୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଅକ୍ଷମତା ଥିବା ହିତାଧିକାରୀମାନଙ୍କୁ ଘରେ ପେନସନ୍ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗର କମିଶନର-କମ-ସଚିବ ଆର.ଏସ. ଗୋପାଳନ ଏ ସମ୍ପର୍କରେ ଆଜି DSSOମାନଙ୍କୁ ଏକ ପତ୍ର ପଠାଇଛନ୍ତି ।

ସେ କହିଛନ୍ତି, ଅନେକ ହିତାଧିକାରୀ ସେମାନଙ୍କର ଦୁର୍ବଳ ଶାରୀରିକ ଅବସ୍ଥା ହେତୁ ପେନସନ୍ ବ ନ ସ୍ଥାନକୁ ସ୍ୱୟଂ ଆସିପାରୁ ନାହାଁନ୍ତି । ତେଣୁ, ଏଭଳି ହିତାଧିକାରୀମାନଙ୍କ ପାଇଁ ଘରେ ପେନସନ୍ ପହଞ୍ଚାଇବା ନିଶ୍ଚିତ କରନ୍ତୁ । SSEPD ବିଭାଗ ଜିଲା ପ୍ରଶାସନକୁ ମଧ ନିର୍ଦ୍ଦେଶ ଦେଇଛି ଯେ ପଞ୍ଚାୟତିରାଜ ବିଭାଗର ଆଉଟରିଚ୍ କାର୍ଯ୍ୟକ୍ରମ 'ବିକାଶ ରଥ' ଜୁନ୍ ୧୨ରୁ ୧୯ ତାରିଖ ମଧ୍ୟରେ ଆୟୋଜିତ ହେଉଥିବା ସମୟରେ MBPYର ସମସ୍ତ ହିତାଧିକାରୀଙ୍କୁ ଘରେ ପେନସନ୍ ଯୋଗାଇ ଦେବାକୁ । ଉଲ୍ଲେଖଯୋଗ୍ୟ ଯେ, ଗଇଚଣ ହେଉଛି ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଫ ଏହା ଓଡ଼ିଶାର ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଏବଂ କୋଭିଡ-୧୯ ପୀଡ଼ିତଙ୍କ ଅନାଥ ଶିଶୁ ଆଦି ସମାଜର ବିଭିନ୍ନ ଦୁର୍ବଳ ବର୍ଗର ସାମାଜିକ ସୁରକ୍ଷା ଆବଶ୍ୟକତାକୁ ପୂରଣ କରେ ।

# ରେନାଲିକ୍ସ ବିଶ୍ୱର ପ୍ରଥମ ସ୍ୱଦେଶୀ ଏଆଇ ଆଧାରିତ ସ୍ମାର୍ଟ ହେମୋଡାୟଲିସିସ୍ ମେସିନ୍ ଲଞ୍ଚ

ଭୁବନେଶ୍ୱର,୧୨।୬ (ମହାଭାରତ): ରେନାଲିକ୍ସ ହେଲ୍‌ଥ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍, ବୃକକ୍ ଯତ୍ନରେ ଏକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ନବସୃଜନ କମ୍ପାନୀ, ରେନାଲିକ୍ସ- ଆରଏକ୍ସଟି ୨୧ ଲଂଚ କରିଛି । ଏହା ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ, ଏଆଇ ଏବଂ କ୍ଲାଉଡ୍-ସକ୍ଷମ ସ୍ମାର୍ଟ ହେମୋଡାୟଲିସିସ୍ ମେସିନ୍ । ଏଥିରେ ରିଅଲ୍-ଟାଇମ୍ ରିମୋଟ୍ ମନିଟରିଂ ଏବଂ କ୍ଲାଉଡ୍ ସଂଯୋଗ ସୁବିଧା ରହିଛି । ଏହାର ମୂଲ୍ୟ ୬.୭୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି । ଆମଦାନୀ ହେଉଥିବା ମେସିନ୍ ତୁଳନାରେ ଯଥେଷ୍ଟ କମ୍ ଦାମ୍ ଥିବା ରେନାଲିକ୍ସ- ଆରଏକ୍ସଟି ୨୧ ଡାଏଲିସିସ୍‌କୁ ଏକ ବୃହତ ଜନସଂଖ୍ୟା ପାଇଁ ସୁଲଭ ଏବଂ ସବିଧାଜନକ କରିବ ଏବଂ ସେମି ଅର୍ବାନ ଏବଂ ଗ୍ରାମୀଣ ଅଂଚଳରେ ବୃକକ୍ ଯତ୍ନରେ ଚାହିଦା-ଯୋଗାଣକୁ ପୂରଣ କରିବ । ଭାରତରେ ସମ୍ପୂର୍ଣ୍ଣ ଡିଜାଇନ୍ ଏବଂ ନିର୍ମିତ, ରେନାଲିକ୍ସ- ଆରଏକ୍ସଟି ୨୧ବୃକକ୍ ରୋଗୀ, ଶେଷ ପର୍ଯ୍ୟାୟ ବୃକକ୍ ରୋଗ (ଇଏସଆରଡି)ରୋଗୀ, ବିଶେଷକରି ହୃଦ୍‌ରୋଗ, ପଲମୋନାରୀ ଏବଂ ଆକ୍ୟୁଟ ବୃକକ୍ ଆଘାତ ସମ୍ବନ୍ଧୀୟ ସମସ୍ୟା ଥିବା ରୋଗୀମାନଙ୍କୁ ସୁରକ୍ଷା ଏବଂ ଗୁଣାତ୍ମକ ଯତ୍ନ ପ୍ରଦାନ କରିବା ପାଇଁ କ୍ଲାଉଡ୍-ଆଧାରିତ ଟେଲିନେଫ୍ରୋଲୋଜି ପ୍ଲାଟଫର୍ମ ସମେତ ନୂତନତମ ପ୍ରଯୁକ୍ତିବିଦ୍ୟାର ଲାଭ ପ୍ରଦାନ କରିବାକୁ ସକ୍ଷମ ହେବ ।

ରେନାଲିକ୍ସ- ଆରଏକ୍ସଟି ୨୧,ରେନାଲିକ୍ସକୁ ବିଶ୍ୱ ସ୍ତରରେ ଷଷ୍ଠ ଏବଂ ଭାରତରେ ପ୍ରଥମ କମ୍ପାନୀ କରିଛି ଯାହା ଇୟୁ ସିଇ ପ୍ରମାଣପତ୍ର ସହିତ ଏକ ଉନ୍ନତ ଡାଏଲିସିସ୍ ମେସିନ୍ ଉତ୍ପାଦନ କରିପାରିଛି ।

ରେନାଲକ୍ସ ଆସନ୍ତା ଚାରି ବର୍ଷ ମଧ୍ୟରେ ୮୦୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି ଯାହା ଦ୍ୱାରା ଋଣ ୨୫-୨୬ ସୁଦ୍ଧା ୫,୦୦୦ ମେସିନ୍ ଉତ୍ପାଦନ କ୍ଷମତା ନିର୍ମାଣ କରାଯିବ ଏବଂ ଋଣ ୨୭-୨୮ ସୁଦ୍ଧା ୧୫୦୦ ମେସିନ୍ ଅତିରିକ୍ତ କ୍ଷମତା ବିକଶିତ କରାଯିବ । କମ୍ପାନୀର ସ୍ୱଦେଶୀ ଭାବରେ ଉପଭୋଗ୍ୟ ସାମଗ୍ରୀ ଉତ୍ପାଦନ କରିବାର ଯୋଜନା ମଧ ରହିଛି ।

# ସଚିବାଳୟ ଜୁନିଅର ଡାଟାଏଣ୍ଟ୍ରି ଅପରେଟରଙ୍କ ଗ୍ରେଡେସନ୍ ତାଲିକା ହାଇକୋର୍ଟରେ ରଦ୍ଦ

କଟକ,୧୨।୬ (ମହାଭାରତ): ଓଡ଼ିଶା ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ କନିଷ୍ଠ ଡାଟାଏଣ୍ଟ୍ରି ଅପରେଟର (ଜେଡିଇଓ)ଙ୍କ ୨୦୨୦, ସେପ୍ଟେମ୍ବର ୨୪ର ଗ୍ରେଡେସନ୍ ତାଲିକାକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଏଥି ସହିତ ଆବେଦନକାରୀଙ୍କୁ ପ୍ରୋଭିଜିନାଲ୍ ଗ୍ରେଡେସନ୍ ତାଲିକା ଅନୁସାରେ ବରିଷ୍ଠତା ଆଧାରରେ ମାମଲାର ପ୍ରତିପକ୍ଷ ନମ୍ବର-୩ରୁ ୧୮ ପର୍ଯ୍ୟନ୍ତ କନିଷ୍ଠ ଡିଇଓଙ୍କ ଠାରୁ ଉପରେ ସ୍ଥାନିତ କରିବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ସନାତନ ସାହୁଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି ।



ମାମଲାର ବିବରଣୀରୁ ପ୍ରକାଶ ଯେ ପ୍ରୋଭିଜିନାଲ୍ ଗ୍ରେଡେସନ୍ ତାଲିକାକୁ ଅଣଦେଖା କରି ତଥା ବରିଷ୍ଠତାକୁ ଉପେକ୍ଷା କରାଯାଇ କନିଷ୍ଠ ଡିଇଓଙ୍କ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରସ୍ତୁତ କରାଯାଇଥିବା ଅଭିଯୋଗକୁ ନେଇ ଆବେଦନକାରୀ ୨୦୨୦ରେ ହାଇକୋର୍ଟରେ ମାମଲା ଦାୟର କରିଥିଲେ । ଆବେଦନକାରୀ ୨୦୧୧ରେ କନିଷ୍ଠ ଡିଇଓ ଭାବେ ନିୟମିତ ନିଯୁକ୍ତି ପାଇଥିବା ବେଳେ ପ୍ରତିପକ୍ଷମାନେ ୨୦୧୩ରେ ଏହି ପଦରେ ଯୋଗ ଦେଇଥିଲେ । ୨୦୨୦, ଫେବୃଆରିରେ କନିଷ୍ଠ ଡିଇଓଙ୍କ ପ୍ରୋଭିଜିନାଲ୍ ଗ୍ରେଡେସନ୍ ତାଲିକା ପ୍ରକାଶ ପାଇଥିଲା । ଏହି ତାଲିକାରେ ପ୍ରଥମ ସ୍ଥାନରେ ଆବେଦନକାରୀ ରହିଥିଲେ । କିନ୍ତୁ ୨୦୨୦, ସେପ୍ଟେମ୍ବର ୨୪ର ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକାରେ ଆବେଦନକାରୀଙ୍କୁ ୧୭ତମ ସ୍ଥାନରେ ରଖାଯାଇଥିଲା ।

# ୩ ପିଲାଙ୍କ ଠାରେ ଯକୃତ ପ୍ରତିରୋପଣ

ଭୁବନେଶ୍ୱର,୧୨।୬ (ମହାଭାରତ): ଭାରତର ଅନ୍ୟତମ ଅଗ୍ରଣୀ ସ୍ୱାସ୍ଥ୍ୟସେବା ସଂସ୍ଥାନ ଆଷ୍ଟର ସିଏମଆଇ ହସପିଟାଲ ତାହାର ଛାମୁଆ ସୁଲଭ୍ୟ ଯକୃତ ପ୍ରତିରୋପଣ ପ୍ରୟାସ ଅଧୀନରେ ସୁଲଭ୍ୟ, ଜୀବନ-ରକ୍ଷାକାରୀ ଶିଶୁ ଯକୃତ ପ୍ରତିରୋପଣ ଯୋଗାଇଦେବାକୁ ଓଡ଼ିଶା ସରକାରଙ୍କ ସହିତ ୨୦୨୨ରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ଅଗ୍ରଣୀ ସରକାରୀ-ଘରୋଇ ଅଂଶୀଦାର ବ୍ୟବସ୍ଥା ଭାରତର ଅନ୍ୟତମ ଉପଯୁକ୍ତ ସେବାରୁ ବଂଚିତ ରାଜ୍ୟଗୁଡିକରେ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଉନ୍ନତି ଆଣୁଛି । ଏହି ସହଭାଗୀତା ଜରିଆରେ ଓଡ଼ିଶାରୁ ତିନିଜଣ ଶିଶୁ ଯେଉଁମାନେ ଗୁରୁତର ଯକୃତ ରୋଗାକ୍ରାନ୍ତ ଭାବରେ ଚିହ୍ନଟ ହୋଇଥିଲେ, ସେମାନଙ୍କର ବାଙ୍ଗାଲୋରସ୍ଥିତ ଆଷ୍ଟର ସିଏମଆଇ ହସପିଟାଲରେ ସଫଳତାର ସହିତ ଯକୃତ ପ୍ରତିରୋପଣ କରାଯାଇଛି । ଏହି ପ୍ରତିରୋପଣ ଏକ ମିଶ୍ରିତ ଅର୍ଥଯୋଗାଡ ମଡେଲରେ ସମ୍ଭବ ହୋଇଥିଲା, ଯେଉଁଠାରେ ପରିବାରଗୁଡିକ ପ୍ରାୟ ୨ ଲକ୍ଷ ଟଙ୍କା ଏବଂ ହସପିଟାଲ ସିଏସଆର ପାଣ୍ଠି, ସରକାରୀ ଯୋଜନା ଏବଂ କ୍ରାଉଡ ଫଣ୍ଡିଂ (ଭିଡରୁ ପାଣ୍ଠି ସଂଗ୍ରହ) ଆଦି ମିଶ୍ରିତ ବ୍ୟବସ୍ଥାରେ ଅବଶିଷ୍ଟ ପାଣ୍ଠି ଯୋଗାଇ ଦେଇଥିଲା, ଯାହା ସାଧାରଣତଃ ୨୦ରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ ।

ସଦ୍ୟ ଭୁବନେଶ୍ୱର ନିକଟ ଏକ ଗ୍ରାମର ଜଣେ ୧୨ ବର୍ଷର ବାଳକର ଘଟଣା ଏହି କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଅବତାରଣା କରୁଛି । ଗୁରୁତର ଯକୃତ ରୋଗରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେବା ଏବଂ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ଉକ୍ତ ବାଳକକୁ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ ପକ୍ଷରୁ ଆଷ୍ଟର ସିଏମଆଇ ହସପିଟାଲକୁ ପଠାଇ ଦିଆଯାଇଥିଲା । ତାଙ୍କ ମା' ଡୋନର (ଦାତା) ଭାବରେ ଆସିଥିଲେ ଏବଂ ତାଙ୍କର ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା ଏବଂ ସେ ସମ୍ପ୍ରତି ଉତ୍ତମ ଭାବରେ ସୁସ୍ଥ ହେଉଛନ୍ତି ଏବଂ ଏହି ଫଳାଫଳ ଓଡ଼ିଶା-ଆଷ୍ଟର ଅଂଶୀଦାର ବ୍ୟବସ୍ଥା ଯୋଗୁଁ ସମ୍ଭବ ହୋଇପାରିଥିଲା ।

ଏହି ପ୍ରୟାସ ସମଗ୍ର ଭାରତରେ ସୁଲଭ୍ୟ ପ୍ରତିରୋପଣ ସେବା ଯୋଗାଇ ଦେବାକୁ ଆଷ୍ଟର ସିଏମଆଇର ପ୍ରଶସ୍ତ ଲକ୍ଷ୍ୟ ଉପରେ ଆଧାରିତ ହୋଇଛି, ଯେଉଁଥିରେ ୧,୦୦୦ରୁ ଅଧିକ ଯକୃତ ପ୍ରତିରୋପଣ କରାଯାଇସାରିଛି ଏବଂ ସେଥିମଧ୍ୟରେ ୨୦୦ରୁ ଅଧିକ ଶିଶୁଙ୍କ କ୍ଷେତ୍ରରେ ପ୍ରତିରୋପଣ କରାଯାଇଛି ।

# ପୁରୀର ବିଭିନ୍ନ ସ୍ଥାନରୁ ଉଠାଯିବ ପ୍ଲାଷ୍ଟିକ୍ ବୋତଲ

ଭୁବନେଶ୍ୱର,୧୨।୬ (ମହାଭାରତ): ପବିତ୍ର ରଥଯାତ୍ରା ୨୦୨୫ ପାଇଁ ଅବଗଣନା ଆରମ୍ଭ ହୋଇଛି ।ଆନନ୍ଦନା କୋକା-କୋଲା ଇଣ୍ଡିଆ ଫାଉଣ୍ଡେସନର ସହଯୋଗରେ ହିନ୍ଦୁସ୍ତାନ କୋକା କୋଲା ବେଭରେଜେସ୍ ଦ୍ୱାରା ପରିଚାଳିତ ଏହି ବର୍ଷର ପ୍ରୟାସ ପୁରୀ ପୌରପାଳିକା, ପୁରୀ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ବିକାଶ ପରିଚାଳନା କାର୍ଯ୍ୟକ୍ରମ ସହିତ ସକ୍ରିୟ ସମନ୍ୱୟରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱ ପରିବେଶ ଦିବସ ୨୦୨୫ ରେ ବିଶ୍ୱ ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା ପାଇଁ ଦୃଢ଼ ଆହ୍ୱାନ ସହିତ ପ୍ରତିଫଳିତ ହେଉଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ଲାଷ୍ଟିକ୍ ମୁକ୍ତ ଭାରତର ଦୃଷ୍ଟିକୋଣ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୃଢ଼ ଭାବରେ ଦୋହରାଇଛନ୍ତି ଏବଂ ଓଡ଼ିଶା ମଧ୍ୟରେ ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଆନନ୍ଦନା କୋକାକୋଲା ଇଣ୍ଡିଆ । ଫାଉଣ୍ଡେସନ୍ ର କର୍ମକର୍ତ୍ତା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଗୃହ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଭେଟି ରଥଯାତ୍ରାରେ ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ନେଇ ଆଲୋଚନା କରିଥିଲେ । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଓ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଏହି ନିରନ୍ତର ପ୍ରତିବଦ୍ଧତା ଦେଖି ପ୍ରତି ତାଙ୍କର ସନ୍ତୋଷ ପ୍ରକାଶ କରିଛନ୍ତି । 'ପରିବେଶିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ହିନ୍ଦୁସ୍ତାନ କୋକା କୋଲା ବେଭରେଜେସ୍ ଏବଂ ଏହାର ଅଂଶୀଦାରମାନଙ୍କର ନିରବଚ୍ଛିନ୍ନ ସତପ୍ରୟାସ ପ୍ରକୃତରେ ଉତ୍ସାହଜନକ,' ବୋଲି ସେ ମତବ୍ୟକ୍ତ କରିଛନ୍ତି ।



'ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସମ୍ବଳ ସଂଗ୍ରହ ସହ ବ୍ୟବହୃତ ଚରଞ୍ଚ ବୋତଲ ସଂଗ୍ରହ ଏବଂ ସାଧାରଣ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱେଚ୍ଛାସେବକମାନଙ୍କୁ ନିୟୋଜିତ କରିବା ପାଇଁ ସେମାନଙ୍କର ସକ୍ରିୟ ପଦକ୍ଷେପ ଆମ ରାଜ୍ୟର ବ୍ୟାପକ ପରିବେଶଗତ ଲକ୍ଷ୍ୟ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଜାତୀୟ ଆବଶ୍ୟକତା ସହିତ ସମ୍ପୂର୍ଣ୍ଣ ସମନ୍ୱିତ ।'

ଏହି ପଦକ୍ଷେପ ୨୦୨୪ ର ଉଲ୍ଲେଖନୀୟ ସଫଳତା ଉପରେ ଆଧାରିତ, ଯେଉଁଠାରେ ତତ୍କାଳୀନ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡକ୍ଟର କେ ମୁରୁଗେସନଙ୍କ ମାର୍ଗଦର୍ଶନରେ, ରଥ ଯାତ୍ରା ମହୋତ୍ସବ ସମୟରେ ୧୭ ହଜାର କିଲୋଗ୍ରାମରୁ ଅଧିକ ଓଜନର ୮ ଲକ୍ଷ ୫୦ ହଜାର ବ୍ୟବହୃତ ଚରଞ୍ଚ ବୋତଲ ସଫଳତାର ସହିତ ସଂଗ୍ରହ କରାଯାଇଥିଲା । ଏହି ପ୍ରଭାବଶାଳୀ ସଂଗ୍ରହକୁ ତାଲିମପ୍ରାପ୍ତ 'ସଫାଇ ସାଥୀ'ଙ୍କ ନେତୃତ୍ୱରେ ଉତ୍ସର୍ଗୀକୃତ ସଂଗ୍ରହ ଏବଂ ପୁନଃଚକ୍ରଣ ସଚେତନତା ଅଭିଯାନ ଦ୍ୱାରା ସହଜ କରାଯାଇଥିଲା, ଯାହା ସାମୁଦାୟିକ ପ୍ରୟାସର ଶକ୍ତି ପ୍ରଦର୍ଶନ କରିଥିଲା । ପରିବେଶ ପ୍ରତି ସମର୍ପିତ ବନ ସେବା ଅଧିକାରୀ ଡକ୍ଟର ମୁରୁଗେସନ ଚଳିତ ବର୍ଷ ରଥ ଯାତ୍ରା-୨୦୨୫ ପାଇଁ ମଧ ହିନ୍ଦୁସ୍ତାନ କୋକା କୋଲା ବେଭରେଜେସ୍ ର ନିରନ୍ତର ସହଯୋଗ ଓ ପ୍ରୟାସରେ ଖୁସି, ଯାହା ପବିତ୍ର ସହର ପୁରୀକୁ ପ୍ଲାଷ୍ଟିକ୍ ମୁକ୍ତ କରିଥାଏ ।

# ବିଜେପିର ସଫଳତା

୧୯୯୮ରେ ଏନଡିଏ ଅଧିକ ଆସନ ପାଇ କେନ୍ଦ୍ରରେ ସରକାର ଗଠନ କଲା। ମାତ୍ର ୧୯୯୯ରେ ଜୟଲଳିତାଙ୍କ ସମର୍ଥନ ପ୍ରତ୍ୟାହାର ଯୋଗୁ ଏହା ଲୋକସଭାରେ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ପରାଜିତ ହୋଇ କ୍ଷମତାଚ୍ୟୁତ ହୋଇଥିଲା। କିନ୍ତୁ ୧୯୯୯ରେ ଏହା ପୁନର୍ବାର ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅଟଳ ବିହାରୀ ବାଜପେୟୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୩ଟି ଦଳକୁ ନେଇ ଗଠିତ ଏନଡିଏ ଏଥର ଏହାର ପୁରା ୫ ବର୍ଷର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିଲା। ୧୯୯୯ରେ ଲୋକସଭାରେ ଆସ୍ଥାଭୋଟ ବେଳେ ଯେଉଁମାନେ ବାଜପେୟୀ ସରକାରଙ୍କ ବିରୋଧରେ ଭୋଟ ଦେଇଥିଲେ ସେମାନେ ନିର୍ବାଚନରେ ବିଜେପି ସହ ହାତ ମିଳାଇ ନିର୍ବାଚନ ଜିତିଲେ ଏବଂ କ୍ଷମତାର ଅଂଶୀଦାର ହେଲେ। ୨୦୧୪ରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିଥିଲା। ଏଥରେ ବିଜେପି ପ୍ରଥମ ଥର ପାଇଁ ଲୋକସଭାରେ ଏକାକି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ପ୍ରଥମ ଥର ପାଇଁ ଏନଡିଏ ଲୋକସଭାରେ ୩୦୦ରୁ ଅଧିକ ଆସନ ପାଇଥିଲା। ଏହା ଥିଲା ବିଜେପିର ଏକ ଐତିହାସିକ ବିଜୟ। ୧୯୮୦ରେ ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ ବିଜେପି ଜନ୍ମ ନେଇଥିଲା। ଏହା ପୂର୍ବରୁ ଏହାର ନାମ ଥିଲା ଭାରତୀୟ ଜନସଂଘ। ୧୯୭୭ରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନକ୍ରମେ କଂଗ୍ରେସକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ପ୍ରମୁଖ ବିରୋଧୀ ଦଳମାନେ ଗୋଟିଏ ଛାତ ତଳେ ଏକାଠି ହୋଇଥିଲେ। ଭାରତୀୟ ଜନସଂଘ ମଧ୍ୟ ଏଥିରେ ସାମିଲ ହୋଇଥିଲା। ୧୯୭୯ରେ ଜନତା ପାର୍ଟୀ ଭାଙ୍ଗିଯାଇଥିଲା। ୧୯୮୦ରେ ଭାରତୀୟ ଜନସଂଘର ନେତା ଏବଂ କର୍ମୀମାନେ ମୂଳ ଜନତା ପାର୍ଟୀରୁ ଅଲଗା ହୋଇ ଭାରତୀୟ ଜନତା ପାର୍ଟୀ ଗଠନ କରିଥିଲେ। ଏହାର ନିର୍ବାଚନୀ ସଙ୍କେତ ଥିଲା ପଦ୍ମଫୁଲ। ୧୯୮୪ରେ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ସାରା ଦେଶରେ କଂଗ୍ରେସ ସପକ୍ଷରେ ଅନୁକମ୍ପାର ହାୱା ପ୍ରବାହିତ ହୋଇଥିଲା। କଂଗ୍ରେସ ଏକାକି ୪୦୦ରୁ ଅଧିକ ଆସନ ପାଇଥିଲା। ପଶ୍ଚିମବଙ୍ଗରେ ସିପିଏମ ଏବଂ ଆନ୍ଧ୍ରପ୍ରଦେଶରେ ଏନ ଟି ରାମାରାଓଙ୍କ ନେତୃତ୍ୱରେ ଟିଡିପିକୁ ବାଦ ଦେଲେ ଅଧିକାଂଶ ପ୍ରମୁଖ ବିରୋଧୀ ଦଳ ଏହି ନିର୍ବାଚନରେ ମୂଳପୋଛ ହୋଇଯାଇଥିଲେ। ସେତେବେଳେ ବିଜେପି ଲୋକସଭାରେ ମାତ୍ର ୨ଟି ଆସନରେ ବିଜୟୀ ହୋଇଥିଲା। ସେତେବେଳେ କେହି କଳ୍ପନା କରିନଥିଲେ ଯେ, ଏହି ଦଳ ମାତ୍ର ୧୨ ବର୍ଷ ପରେ ଲୋକସଭାରେ ବୃହତ୍ତମ ଦଳର ଭାବେ ଉଭା ହେବ। ୧୯୯୬ରେ ବିଜେପି ଲୋକସଭରେ ୧୬୨ ଆସନ ସହ ବୃହତ୍ତମ ଦଳ ଭାବେ ଉଭା ହୋଇଥିଲା। ୨୦୧୪ରେ ପ୍ରଥମ ଥର ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଏକାକି ଲୋକସଭାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ମୋଦି ମ୍ୟାଜିକରେ ଏନଡିଏ କେବଳ ୩୦୦ରୁ ଅଧିକ ଆସନ ପାଇନଥିଲା, କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହୋଇ ବିରୋଧୀ ଦଳର ମାନ୍ୟତା ପାଇବାକୁ ସକ୍ଷମ ହୋଇନଥିଲା। ୨୦୧୪ ପରେ ୨୦୧୯ରେ ବିଜେପି ଏକାକି ୩୦୦ରୁ ଅଧିକ ଆସନ ପାଇ ଆଉ ଏକ ଐତିହାସିକ ସଫଳତା ପାଇଥିଲା। ୨୦୧୪ରୁ ୨୦୨୪ ମଧ୍ୟରେ ଏନଡିଏରେ ଅନେକ ଦଳ ସାମିଲ ହୋଇଛନ୍ତି, ପୁଣି ମେଣ୍ଟରୁ ଓହରିଯାଇଛନ୍ତି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି, ନୀତିଶଙ୍କ ନେତୃତ୍ୱରେ ଜେଡିୟୁ ଏନଡିଏରୁ ଓହରିଛନ୍ତି, ପୁଣି ସାମିଲ ହୋଇଛନ୍ତି। ପଞ୍ଜାବରେ ଶିରୋମଣି ଅକାଳି ଦଳ ଏବଂ ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ଶିବସେନା ଏନଡିଏର ଦୁଇଟି ପୁରୁଣା ସହଯୋଗୀ। ସେମାନେ ପରବର୍ତ୍ତୀ ସମୟରେ ଏନଡିଏରୁ ଓହରିଯାଇଛନ୍ତି। କିନ୍ତୁ ଏନଡିଏର ଜୟଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରିପାରିନାହାଁନ୍ତି। ଶିବସେନା ବିଭାଜିତ ହୋଇଛି ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ବିଭାଜିତ ଗୋଷ୍ଠୀ ଏନଡିଏରେ ସାମିଲ ହୋଇଛି। ଚନ୍ଦ୍ରବାବୁ ନାଇଡୁ, ନୀତିଶ କୁମାର ପୁନର୍ବାର ଏନଡିଏକୁ ଫେରିଛନ୍ତି। ୨୦୨୪ରେ ବିଜେପିର ନାରା ଥିଲା ଅବକି ବାର ଚାର ଶୋ ପାର। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ନିର୍ବାଚନ ପରିଚାଳନାରେ ତ୍ରୁଟି ଏବଂ ଅନ୍ୟାନ୍ୟ କାରଣରୁ ଏଥର ଏନଡିଏର ଆସନ ୨୯୪ରେ ସୀମିତ ରହିଲା। ବିଜେପିକୁ ଲୋକସଭାରେ ୨୪୦ ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଲା।

# ସ୍ୱରୂପ ହରାଉଛି ଶିଷ୍ଟାଚାର

॥ ନିରୁପମା ଭୂୟାଁ ॥

;କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ୍ୟ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ ।

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ଏହା ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି । ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି । ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର । ସମ୍ପର୍କ ଏମିତି ଏକ ମାଧ୍ୟମ ଯାହା ଦ୍ୱାରା ଅନେକ ବାଟ ଯାଏ ଯାଇପାରେ ମଣିଷ । କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ । ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି । ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି । ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି । ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ । ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ ।

ଦେବ ପରମ୍ପରା ପ୍ରତୀକ : ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା । ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ । ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଊର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର । ଭାରତର ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ । ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍ । ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ । ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ । ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉନଥିଲା ।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି । ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି । କାରଣଟି ଯେତିକି ବିଷମ ସେତିକି ପରିତାପକର । ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ । ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି । କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ । ଯିଏ ଯାହା ଇଚ୍ଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି । ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ ।

କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ୍ୟ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ । ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅର୍ବାଚୀନ ତଥା ଅସଂଗତ ମନେ ହେଉଛି । ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି । କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି । ପାଶ୍ଚାତ୍ୟ ପରମ୍ପରାରେ ଅନ୍ୟକୁ ସମ୍ମାନ ଜଣାଇବାକୁ ଯାଇ ହାତ ମିଳାଇବା, ହେଲୋ ହାଏ କହିବା ନ ହେଲେ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ପଡ଼ିଥାଏ । ଅନ୍ୟପକ୍ଷରେ ଆମ ପରମ୍ପରାରେ ସେସବୁ କେବଳ ନିଷିଦ୍ଧ ନୁହେଁ, ଅସାମାଜିକ ମଧ୍ୟ । କିନ୍ତୁ ଆମେ ତାହା ହିଁ କରୁଛେ ।

ପ୍ରଣାମର ପ୍ରାଣହାନି : ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ । ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ଷାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି । ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା । ଏହା କେବଳ ଶିଷ୍ଟାଚାର ନଥିଲା, ଏଥିରେ ଯୋଗାଭ୍ୟାସର ପ୍ରଚ୍ଛନ୍ନ ବିଧି ମଧ୍ୟ ଥିଲା । ଷାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା । ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା । କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି । ଏମିତିକି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ । ଅନେକେ ଏହାକୁ ଅସଙ୍ଗତ ବୋଲି ମଧ୍ୟ ମନେ କରୁଛନ୍ତି । ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତାର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି । ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି । ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରି ପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା । ଏବର ମଣିଷ ଜୀବନ ଏକ ମସ୍ତବଡ଼ ବିଷମ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି । ସାମାଜିକ ଜୀବନ ଶତପ୍ରତିଶତ ଭୂଲୁଣ୍ଠିତ । କେହି କାହା ପ୍ରତି ଦାୟ-ବୋଧ-ସମ୍ପନ୍ନ ନୁହନ୍ତି । କିନ୍ତୁ କେତେଦିନ ଏମିତି ନିଜ ଇଚ୍ଛାରେ ଚାଲୁଥିବ ମଣିଷ । ପ୍ରକୃତିର ନିୟମକୁ କରୁଥିବ ଉଲ୍ଲଂଘନ । ଏବେ ବି ବେଳ ଅଛି ମଣିଷ ସୁଧୁରି ଯାଇପାରେ । ଗୁରୁ ଗୁରୁଜନଙ୍କୁ ଭକ୍ତି, ପ୍ରକୃତିକୁ ସମ୍ମାନ ଆଦି ଦିବ୍ୟଗୁଣକୁ ଉଜ୍ଜୀବିତ କରି ପାରିଲେ ପୁଣିଥରେ ଦିବ୍ୟ ପରିବେଶ ସୃଷ୍ଟି ହେବ ଏ ପୃଥିବୀରେ - ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ନାରୀର ସମ୍ମାନ ଓ ସୁରକ୍ଷା ଆମର ମୌଳିକ କର୍ତବ୍ୟ

॥ ମୌଲାନା ଫଜଲ ହକ ଖାନ ॥

ବର୍ତମାନ ଆମ ପ୍ରଗତିଶୀଳ ସମାଜରେ ନାରୀର ଅବସ୍ଥା କାହା ପାଖେ ଲୁଚି ରହି ନାହିଁ । ଦୁଃଖର କଥା ଯେ ପାଶ୍ଚାତ୍ୟ ଜଗତର ଶିକ୍ଷା ଓ ସଂସ୍କୃତିକୁ ବୁଝିବାକୁ ଯାଇ,ଏବେ ଆମେ ସେହି ଜଗତର ମର୍ଯ୍ୟାଦାହୀନ ଓ ଅପମାନଜନକ ସଂସ୍କୃତିର ବଶବର୍ତୀ ହୋଇ ଯାଇଛେ । ଯେଉଁଠି ନାରୀକୁ କମ ବସ୍ତ୍ରରେ ଦେଖିବା ଓ ଦେଖାଇବା ବେଶ ସମ୍ମାନଜନକ ମନେ କରାଯାଉଛି ।

ସେହି ବିକୃତ ସଂସ୍କାରକୁ ଆଜି ଆମେ ଆପେଣାଇ ନେଇଛେ । ଫଳ ସ୍ୱରୂପ ଆମେ ଦୈନ୍ୟଦିନ ଖବର କାଗଜ ଓ ନ୍ୟୁଜ ଚାନେଲମାନଙ୍କରେ ନାରୀ ଧର୍ଷଣ,ବଳତ୍କାର,ଅସଦ୍ଆଚରଣ,ନିର୍ଯାତନା ଓ ବଧୂ ହତ୍ୟାର ଦୁଃଖଦ ଓ ମର୍ମାହତର ବାସ୍ତବିକତା ଦେଖିପାରୁଛେ । ଏଥି ପାଇଁ ସରକାର ଓ ନ୍ୟାୟାଧିଶ କଡାକଡି ଭାବେ ନିୟମ କାନୁନ ଲାଗୁ କରିଛନ୍ତି । କିନ୍ତୁ ନାରୀର ଅବସ୍ଥାରେ କୌଣସି ସୁଧାର ନାହିଁ । ସୁଧାର ଆସିବ କିପରି ?

ନିଶ୍ଚିତରେ ଆଜି ଆମେ ସତ୍‌ମାର୍ଗକୁ ଭୁଲି ଯାଇ, ସଟକଟ ମାର୍ଗକୁ ଆପଣାଇ ନେଇଛେ । ଭଲ ଜିନିଷ ଛାଡି ଭୁଲ ଜିନିଷକୁ ପସନ୍ଦ କରିନେଇଛେ । ଦୈନ୍ୟଦିନରେ ଆମେ ଜାଣିଛେ,କୌଣସି ଉତମ ଓ ମୂଲ୍ୟବାନ ବସ୍ତୁକୁ ସର୍ବଦା ଲୁଚାଇ ରଖା ଯାଇଥାଏ । ଏଥିରେ ତାର ସମ୍ମାନ ଓ ସୁରକ୍ଷା ରହିଥାଏ । କେହି ତାକୁ ଚୋରି ମଧ୍ୟ କରି ପାରିନଥାନ୍ତି । ନଚେତ୍ ତାର ଚୋରି ହେବାର ଅଧିକ ଆଶଂକା ରହିଥାଏ । ଠିକ ସେହିପରି ଯଦି ଆମେ ନାରୀର ମହାନତଦା, ଉତମତା ଓ ଅମୂଲ୍ୟତାକୁ ବୁଝିପାରନ୍ତେ ତା'ହେଲେ ନାରୀ ଜାତିର ବେଶ ସୁରକ୍ଷା ହୋଇପାରନ୍ତା । ଯେପରି ପବିତ୍ର କୁରଆନ ନାରୀର ସମ୍ମାନ ଓ ମହାନତା ବିଷୟରେ ଏ ଉତମବାଣୀ ଦେଇ କହିଥାଏ ଯେ, ଆମେ ତୁମକୁ ପୁରୁଷ ଓ ସ୍ତ୍ରୀ ଦୁଇଗୋଟି ଜାତି ରୂପେ ସୃଷ୍ଟି କରିଅଛୁ । ବାସ୍ତବରେ ପ୍ରକୃତ ମୁସଲମାନ ଏବଂ ବିଶ୍ୱାସକାରିଣୀ, ଆଜ୍ଞାପାଳନକାରିଣୀ, ସତ୍ୟବାଦିନୀ, ଧୈର୍ଯ୍ୟଶୀଳା, ବିନୟ ପ୍ରଦର୍ଶନକାରିଣୀ, ଦାନ କରୁଥିବା ନାରୀ, ରୋଜା ରଖୁଥିବା ନାରୀ, ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ବୈକୁଣ୍ଠର ମହାନ ପୁରସ୍କାର ରଖାଯାଇଅଛି । ପୁଣି କୁହାଯାଇଛି, ହେ ବିଶ୍ୱାସକାରୀମାନେ ତୁମେ ନିଜ ପତ୍ନୀ ଓ କନ୍ୟାମାନଙ୍କୁ କହିଦିଅ; ଯେ ସେମାନେ ନିଜର ବଡ ଚାଦର(ଓଢଣୀ)କୁ ମୁଣ୍ଡ ଉପର ଦେଇ ବକ୍ଷସ୍ଥଳ ପର୍ଯ୍ୟନ୍ତ ଘୋଡାଇ ରଖିବେ; ଏପରି କରିବା ଫଳରେ ସେମାନଙ୍କୁ ଚିହ୍ନି ହେବ ଓ ସେମାନଙ୍କୁ କେହି ଇଙ୍ଗିତ କରିପାରିବେ ନାହିଁ । ଏତଦ୍ ଦ୍ୱାରା ନାରୀର ସମ୍ମାନ ବଜାୟ ରହିବା ସହ ତାର ସୁରକ୍ଷା ମଧ୍ୟ ହୋଇଥାଏ ।

ଆମକୁ ଜାଣିବାକୁ ହେବ ଯେ ନାରୀ ସମାଜରେ ଜଣେ ମାଁ ହୋଇଥାଏ । ପବିତ୍ର କୁରଆନ କହିଥାଏ; ମାଁର ସମ୍ମାନ ଓ ସେବା କରିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ହୋଇଥାଏ । ନାରୀ ଜଣେ ସହଧର୍ମିଣୀ ହୋଇଥାଏ, ଯାହାର ଉଚିତ୍ ସମ୍ମାନ ଓ ସଦବ୍ୟବହାର କରିବା ଦ୍ୱାରା ସେ ଘରକୁ ଏକ ସ୍ୱର୍ଗ ପରି ଗଢିତୋଳିଥାଏ ଏବଂ ସନ୍ତାନର ଉତମ ମାଁଟିଏ ବି ବନିପାରିଥାଏ । ସେ ପାଳନକର୍ତାଙ୍କ ଭଳି ଆମ ପରିବାରକୁ ଏକ ସୂତରେ ବାନ୍ଧି ଏକତାବଦ୍ଧ କରିପାରିଥାଏ । ନାରୀ ଜଣେ ଭଗ୍ନି ହୋଇଥାଏ, ଯାହା ଏକ ଭାଇ ପାଇଁ ଗୌରବ ହୋଇଥାଏ । ଭାଇ ତାର ସୁରକ୍ଷା ପାଇଁ ସଦାସର୍ବଦା ବାପ ପରି ତାର କର୍ତବ୍ୟରେ ସଂକଳ୍ପବଦ୍ଧ ହୋଇଥାଏ । ନାରୀ ଜଣେ କନ୍ୟା ସନ୍ତାନ ହୋଇଥାଏ । ଯାହାର ଲାଳନ ପାଳନ, ସୁଶିକ୍ଷା ଓ ଆଦର୍ଶବାନ ଗଢିବା ଦ୍ୱାରା ବାପ ମାଁଙ୍କୁ ସ୍ୱର୍ଗ ପାପ୍ତି ହୋଇଥାଏ । ମହାମାନ୍ୟ ମୁହମ୍ମଦ କହିଛନ୍ତି ପ୍ରତ୍ୟେକ ବାଳକ ଓ ବାଳିକା ପାଇଁ ଶିକ୍ଷା ହାସଲ କରିବା ନିହାତି ଆବଶ୍ୟକ । ସ୍ତ୍ରୀର ମୁହଁରେ ମୁଠାଏ ଖାଦ୍ୟ ଖୁଆଇ ଦେବା ବି ଏକ ପୁଣ୍ୟ କର୍ମ ।

ଆଜିର ଦିନରେ ନାରୀ ଜଣେ ମାହମହିମ ରାଷ୍ଟ୍ରପତି ହୋଇପାରୁଛି । ଜଣେ ପ୍ରଧାନ ମନ୍ତ୍ରୀ ହୋଇ ପାରୁଛି । ଜଣେ ମୁଖ୍ୟ ମନ୍ତ୍ରୀ ଆସନରେ ବସିପାରୁଛି । ତଥା ଏମ.ପି, ଏମ.ଏଲ.ଏ, ମେୟର, କର୍ପୋରେଟର ଓ ସରପଂଚ ବି ହୋଇପାରୁଛି । ଦେଶ ମାତୃକାର ସେବାରେ ପୁରୁଷ ଭଳି ବଳିଷ୍ଠ ସେନାବାହିନୀରେ ସାମିଲ ହୋଇ କର୍ତବ୍ୟ ପରାୟଣାର ପ୍ରମାଣ ଦେଇପାରୁଛି । ନାରୀ ଆଜି ସ୍ୱାସ୍ଥ୍ୟ କ୍ଷେତ୍ରରେ ଡ଼ାକ୍ତରଆଣୀ, ଶିକ୍ଷା କ୍ଷେତ୍ରରେ ଶିକ୍ଷୟତ୍ରୀ, ଉଦ୍ୟୋଗ କ୍ଷେତ୍ରରେ ଉଦ୍ୟୋଗପତି, ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ, ଧର୍ମ ଓ ବିଶ୍ୱାସ କ୍ଷେତ୍ରରେ ସେ ମା-ମାତା ଏବଂ ଦେବିମାତା ଭାବେ ସମାଜରେ ନିଜର ଭଲ ଚିତ୍ର ଓ ଚରିତ୍ର ଗଢିବାରେ ପ୍ରୟାସ କରି ଆସୁଛି । ଏପରି କି ଶିରିନ ଇବାଦୀ (୨୦୦୩), ମଲାଲା ୟୁସୁଫଜାଇ (୨୦୧୪), ନାଦିଆ ମୁରାଦ(୨୦୧୮) ଏବଂ ମାରିଆ ରେସା (୨୦୨୧) ଭଳି ନାରୀ ବିଶ୍ୱର ସର୍ବଶ୍ରେଷ୍ଟ ନୋବେଲ ପୁରସ୍କାର ପାଇବାରେ ପଛ ଘୁଂଚା ଦେଇନାହିଁ । କିନ୍ତୁ ଆମେ ନାରୀ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଏବେ ବି ଏତେ ଅବହେଳା କାହିଁକି ? ତାଙ୍କ ପ୍ରତି ଏପରି ଅନ୍ୟାୟ ଓ ଅନାଦର ମନଭାବ କାହିଁକି ? କାରଣ ଆଜି ଆମେ ଧର୍ମକୁ ଛାଡି ଅଧର୍ମେ ଗତି କରୁଛେ । 'ଧର୍ମ ଏକା ସିନା ମହତ ପଣିଆ - ଆଉ ସବୁ କିଛି ଅଢେଇ ଦିନିଆ'ର ମୂଳ ମର୍ମକୁ ଭୁଲିଯାଇଛେ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭଲ ଓ ଭୁଲର ବିଚାର କରୁ ନାହେଁ । ଅନ୍ୟାୟ ଓ ପାପର ଭାର ଧରାପୃଷ୍ଠରେ ଅଧିକ ହେବାରେ ଲାଗିଲାଣି । ସେଇଥି ପାଇଁ ସଂସାରରେ ଏସବୁ ବିପ୍ରାପ୍ତର ସୁତ୍ରପାତ ହେଉଛି ।

ଆସନ୍ତୁ ଆମେ ଏକ ମନ ଏକ ପ୍ରାଣ ହୋଇ ନାରୀ ଶକ୍ତିକୁ ଉଜାଗର କରିବା । ତାକୁ ତା'ର ଉଚିତ୍ ସମ୍ମାନର ବସ୍ତ୍ର ପିନ୍ଧାଇ ତା'ର ସୁରକ୍ଷା କରିବା । ତାକୁ ସୁରକ୍ଷିତ ରଖିବା ଓ ସୁରକ୍ଷା ଦେବା ଆମର ମୌଳିକ କର୍ତବ୍ୟ ହେବା ଉଚିତ୍ ।

ୟୁନିଟ-୪ ଭୁବନେଶ୍ୱର
୯୬୯୨୨୨୫୦୫୭

# ହସନ୍ତୁ ଓ ହସାନ୍ତୁ

॥ ବିପିନ ବିହାରୀ ରାଉତ ॥

ହାସ୍ୟରସକୁ ଆଧୁନିକ ଚିକିତ୍ସା ବିଜ୍ଞାନୀ ମାନେ ସଂସାରର ସବୁଠାରୁ ବଡ଼ ମହୌଷଧି ବୋଲି ବିବେଚନା କରି ଆସୁଛନ୍ତି। ନିକଟରେ ଆମେରିକାର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଅତ୍ୟାଧୁନିକ ଚିକିତ୍ସାନୁଷ୍ଠାନର ଗବେଷକ ମାନେ ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗର ଲୋକମାନଙ୍କ ଭାବାବେଗ ଉପରେ ଗବେଷଣା କରି ଜାଣି ପାରିଛନ୍ତି ଯେ କେବଳ ହସ ହିଁ ଦୁଇଟି ଅପରିଚିତ ଲୋକଙ୍କୁ ନିକଟତର କରାଇପାରେ ଓ ପରସ୍ପର ମଧ୍ୟରେ ନିରବ ଭାବାବେଗ ବିନିମୟ କରିପାରିଥାଏ। ପୁଣି ଶିଶୁଟିଏ ଠାରୁ ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ହିଁ ମନର ଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରିପାରିଥାଏ। ତେଣୁ ଭାଷା ବିଜ୍ଞାନୀଙ୍କ ଠାରୁ ଆରମ୍ଭ କରି ମନୋବିଜ୍ଞାନୀଙ୍କ ପର୍ଯ୍ୟନ୍ତ ହସ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ଆଜି ପର୍ଯ୍ୟନ୍ତ ରହିଆସିଛି। ଚିକିତ୍ସାବିଜ୍ଞାନୀଙ୍କ ମତରେ ଜଣେ ମଣିଷ କଥାବାର୍ତ୍ତା କଲାବେଳେ ପ୍ରତି ଦଶ ମିନିଟରେ ସାତଥର ହସିଥାଏ। ତାହା ତାଙ୍କ ଜାଣତରେ ହେଉ ଅବା ଅଜାଣତରେ। ସେହି ହସ ଟିକକ ହିଁ ଦୁଇ ଜଣ ଭାବ ବିନିମୟକାରୀଙ୍କ ମଧ୍ୟରେ ସଂପର୍କକୁ ନିବିଡ଼ କରିଥାଏ। ପୁଣି ହସିବା ସମୟରେ ସେହି ବ୍ୟକ୍ତିର ଶରୀରର ତନ୍ତୁଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ, ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ଓ କ୍ରୋଧ ତଥା ବିରକ୍ତିଭାବ ଯୋଗୁଁ ରକ୍ତରେ ସୃଷ୍ଟ ଅନିଷ୍ଟକାରୀ ରାସାୟନିକ ପଦାର୍ଥ ଆପେ ଆପେ ଉଭେଇ ଯାଇଥାଏ।

ହସ କିପରି ଅପରିଚିତ ଲୋକଙ୍କ ନିକଟରେ କରାଇଥାଏ ତାହା ବଖାଣିଛନ୍ତି ଦିଶା ସୌଟର ଏବଂ ଫ୍ରାଙ୍କ ଆଇଜନର ନାମକ ଦୁଇଜଣ ଗବେଷକ। ସେମାନଙ୍କ ମତରେ ସେମାନେ ଯେତେବେଳେ ନାମିବ୍ୟାର ହିମବା ସଂପ୍ରଦାୟର ଲୋକମାନଙ୍କ ସହ ଭାବ ବିନିମୟ କରିବାକୁ ଚାହିଁଲେ ଏହି ଆଦିମ ଜନଜାତିର ଲୋକମାନେ ମୁହଁରେ ହସ ଫୁଟାଇ ସେମାନଙ୍କୁ ସ୍ୱାଗତ କରିଥିଲେ। ପ୍ରତିଥର ଭାବ ବିନିମୟ ବେଳେ ତାହା ହିଁ ଘଟିଥିଲା। ତେଣୁ ହସ ହେଉଛି ମଣିଷ ମନର ନୀରବ ପରିଭାଷା।

ଏବେ ଚିକିତ୍ସା ବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ଯେ ପ୍ରତିଦିନ ମଣିଷ ଇଚ୍ଛା କରି କିଛି ସମୟ ହସିବା ଆବଶ୍ୟକ। ତାହା କାଳେ ରକ୍ତଚାପକୁ ନିୟନ୍ତ୍ରଣ କରେ। ତେଣୁ ଦେଶ ବିଦେଶରେ କିଛି ବର୍ଷ ଧରି ହସ କ୍ଲବମାନ ଗଠନ କରାଯାଇଛି। ଯୁବକ ଠାରୁ ବୃଦ୍ଧବୃଦ୍ଧା ପ୍ରତିଦିନ ସକାଳେ ପ୍ରାତଃଭ୍ରମଣ କରିବା ବେଳେ ଏକତ୍ରିତ ହୋଇ ଠୋ ଠୋ ହୋଇ କିଛି ସମୟ ହସୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହେଲାଣି। ତାହା ସେମାନଙ୍କୁ ଦିନଟି ସାରା ମନ ଓ ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ



ରଖିବାରେ ସହାୟକ ହୋଇଥାଏ ବୋଲି ଅନେକେ କହନ୍ତି। ହସୁଥିବା ବ୍ୟକ୍ତିକୁ ସଭିଏଁ ସୁଖୀ ବୋଲି କହନ୍ତି। କାରଣ ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମଣିଷ ଚାହିଁଲେ ବି ବେଳେବେଳେ ହସିପାରେ ନାହିଁ। ଜଣେ ଦାର୍ଶନିକ ଜଣେ ବାଇଆକୁ ଆସୁଥିବାର ଦେଖି ଥରେ ମନ୍ତବ୍ୟ ଦେଇଥିଲେ, ଲୋକଟି କେଡ଼େ ଭାଗ୍ୟବାନ କେତେ ମନଖୋଲା ହସ ହସିପାରୁଛି। ବାସ୍ତବିକ ହସ ମଣିଷର ଶ୍ରେଷ୍ଠ ସଂପଦ। କେହି ଭାବଗମ୍ଭୀର ମୁଦ୍ରାରେ ରହିଥିଲେ ତାକୁ ବନ୍ଧୁମାନେ କହନ୍ତି, ମୁହଁଟାକୁ ହାଣ୍ଡିଟା କରି କରିଛୁ କାହିଁକି ? କଣ ଲକ୍ଷେ କି କୋଟିଏ ହରେଇଛୁ ? ମୁହଁରେ ହସକୁ ଜାଣି ଶୁଣି ଲୁଚାଇ ରଖୁଥିବା ବ୍ୟକ୍ତି ସତରେ ହତଭାଗା। କାରଣ ସଂସାରର ଶ୍ରେଷ୍ଠ ସଂପଦକୁ ସେ ହାତରେ ପାଇ ବି ଉପଭୋଗ କରିପାରୁନାହିଁ। ଭାରତରେ ହାସ୍ୟକୁ ଏକ ରସ ବୋଲି କୁହାଯାଇଛି। ଏ ରସ ପ୍ରକୃତରେ ଅମୃତ। ଏକଥା ଆମେ କହୁନାହୁଁ। ଏବେ କହୁଛନ୍ତି ଆଧୁନିକ ଓ ପାଶ୍ଚାତ୍ୟ ଚିକିତ୍ସାବିଜ୍ଞାନୀ। ସେମାନଙ୍କ ପରାମର୍ଶ ହସନ୍ତୁ ଓ ଅନ୍ୟକୁ ହସାନ୍ତୁ।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

## ରେଞ୍ଜରର ସାମ୍ବାଦିକ ବିବାଦ ସମାଧାନ

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସାମ୍ବାଦିକ ମାନଙ୍କ ସହ ହିନ୍ଦୋଳ ରେଞ୍ଜରଙ୍କ ବିବାଦ ଆଜି ସମାଧାନ ହୋଇଯାଇଛି। ଖବରରୁ ପ୍ରକାଶ ଗତ ୮/୬/୨୫ରେ ଏକ ହାତୀ ମୃତ୍ୟୁ ଘଟଣାକୁ ନେଇ ରେଞ୍ଜର ଗୌତମ ପ୍ରଧାନ ଓ ହିନ୍ଦୋଳ ସାମ୍ବାଦିକ ମାନଙ୍କ ସହ ମନୋମାଳିନ୍ୟ ହୋଇଥିଲା ଏହାକୁ ନେଇ ହିନ୍ଦୋଳ ଥାନାରେ ଦ୍ୱାରସ୍ଥ ହୋଇଥିଲେ ଉଭୟ ପକ୍ଷ। ଯାହାକୁ ନେଇ ଅଞ୍ଚଳ ତଥା ଜିଲ୍ଲାରେ ବହୁ ବାଦବିବାଦ ଆଲୋଚନା ସମାଲୋଚନା ହୋଇଥିଲା।ତେବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା, ଉପଖଣ୍ଡ ଆରକ୍ଷୀ ଉପଅଧିକ୍ଷକ ସତ୍ୟ କୁମାର ନନ୍ଦଙ୍କ ଉଦ୍ୟମରେ ଏବଂ ହିନ୍ଦୋଳ ଥାନା ଅଧିକାରିଣୀ ଚାରୁଲତା ବେହେରାଙ୍କ ତତ୍ୱାବଧାନରେ ଏକ ବୈଠକ କରାଯାଇ ଉଭୟଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣରେ ଆପୋଷ ବୁଝାମଣା ହୋଇଯାଇଛି।ଯେହେତୁ ଉଭୟପକ୍ଷ ବିଭିନ୍ନ କ୍ଷେତ୍ରରେ ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ, ବନବିଭାଗ ଶାସନ ତନ୍ତ୍ର ଅଂଶବିଶେଷ ସମସ୍ତଙ୍କର ଆବଶ୍ୟକତା ସମାଜ ପାଇଁ ଥିବାରୁ ଉଭୟ ମିଳିମିଶି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ତେଣୁ ଏହିବିବାଦ ଆଗକୁ ବଢ଼ିବା ଉଚିତ ନୁହେଁ ବୋଲି ସମସ୍ତେ ଅନୁଭବ କରିଥିଲେ। ତେବେ ଆଗକୁ ଏଭଳି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନହେବା ପାଇଁ ଉଭୟପକ୍ଷ ଯଥେଷ୍ଟ ଯତ୍ନଶିଳ ରହିବେ ବୋଲି ରାଜିହୋଇ ଆପୋଷ ବୁଝାମଣା ହୋଇଥିଲେ ଏବଂ ଉଭୟ ନିଜ ନିଜ କ୍ଷେତ୍ରରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାସହ ଜନସାଧାରଣଙ୍କୁ ଉଚିତ ସେବା ଯୋଗାଇ ଦେବେ ବୋଲି ଉଭୟ ପକ୍ଷ ପ୍ରକାଶ କରିଛନ୍ତି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା: ୨ ମୃତ

ଅନୁଗୋଳ, (ମହାଭାରତ): ଅନୁଗୋଳ ସଦର ଥାନା ଅନ୍ତର୍ଗତ କୁମ୍ଭଣ୍ଡ ଡେରଜାଙ୍ଗ ସାହି ନିକଟରେ ଥିବା କଫି ସେଣ୍ଟର ସମ୍ମୁଖରେ ଦୁଇ ବାଇକ ମୁହାଁମୁହିଁ ଦୁର୍ଘଟଣା ହୋଇଛି। ଫଳରେ ୨ ଜଣ ଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଏବଂ ଜଣେ ଆହତ ଅବସ୍ଥାରେ ଉଦ୍ଧାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି । ମିଳିଥିବା ଖବର ଅନୁସାରେ ଆଜି ସକାଳ ସମୟରେ ଏହି ଦୁର୍ଘଟଣା ଘଟି ଥିବା ସୂଚନା ମିଳିଛି। ଦୁର୍ଘଟଣା ସ୍ଥଳରେ ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଥିଲା। ମୃତ ବ୍ୟକ୍ତିଙ୍କ ନାମ ଅନିଲ କୁମାର ବୋଥଲେ (୩୦) ହୋଇଥିବା ବେଳେ ସେ କୁମ୍ଭଣ୍ଡ ଅଞ୍ଚଳରେ ଭଡାରେ ରହୁଥିଲେ। ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବସ୍ଥାରେ ଅଜୟ ବେହେରା (୨୦) ଙ୍କର ମୃତ୍ୟୁ ହୋଇଥିଲା। ତେଣୁ ଗୁରୁତର ବ୍ୟକ୍ତି ସୁନିଲ ବେହେରା (୨୦) ଘର ଟାପଢ଼ୋଲ ବୋଲି ସୂଚନା ମିଳିଛି। ସୁନିଲ ନତଡା ମାମୁଁ ଘରେ ରହି ଏକ କାରଖାନାରେ କାର୍ଯ୍ୟ କରନ୍ତି । ଆହତ ହୋଇଥିବା ବ୍ୟକ୍ତି ଜଣଙ୍କ ସୁବ୍ରତ ପ୍ରଧାନ (୧୭) ବୋଲି ସୂଚନା ମିଳିଛି । ଅଜୟ ବେହେରା, ସୁନିଲ ବେହେରା ଓ ସୁବ୍ରତ ପ୍ରଧାନ ଗୋଟିଏ ବାଇକରେ ନତଡ଼ା ରୁ କୁମ୍ଭଣ୍ଡ ସୁବ୍ରତଙ୍କୁ ଛାଡ଼ିବା ପାଇଁ ଆସୁଥିବା ବେଳେ କୁମ୍ଭଣ୍ଡ ଡେରଜଙ୍ଗ ସାହି ନିକେଟରେ ଥିବା କଫି ସପ୍ ସେଣ୍ଟରରୁ ଅନିଲ କୁମାର ବୋଥଲା ବାହାରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି।ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରାଜନୈତିକ ପଶାପାଲିରେ ପେଶି ହେଉଛନ୍ତି ଅଞ୍ଚଳବାସୀ

ଯୋଡ଼ା, (ମହାଭାରତ): କେନ୍ଦୁଝର ଜିଲ୍ଲା ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବ୍ଲକ ଅନ୍ତର୍ଗତ ସାଗାସାହି ଠାରେ ଥିବା ଏକ ଖଣିରେ ଖଣିଜ ପରିବହନ ଓ ସ୍ଥାନୀୟ ନିଯୁକ୍ତିକୁ ନେଇ ବାରମ୍ବାର ଖଣିରେ ବିବାଦ ସୃଷ୍ଟି ହେଉଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନ ଜାରି ରହୁଛି । ତେବେ ଏହି ରାଜନୈତିକ ଦଳର ଆନ୍ଦୋଳନକୁ ନେଇ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଭିନ୍ନ ସମୟରେ ଖଣିରେ ବାହାର ଅଞ୍ଚଳରୁ ଲୋକ ମାନଙ୍କୁ ଆଣି ଖଣି ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ବିଭିନ୍ନ ରାଜନୈତିକ ଦଳର ନାଁରେ ଖଣି କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ନିଯୁକ୍ତି, ପରିବହନ, ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ପ୍ରଭୃତି ଦାବି ଦିଆଯାଉଛି। ପ୍ରକୃତପକ୍ଷେ ଏହି ଦାବି ଗୁଡ଼ିକ ଖଣି କମ୍ପାନୀ କିପରି କାର୍ଯ୍ୟ କରିବ ସେ ନେଇ କୌଣସି ସମୀକ୍ଷା କରାଯାଉ ନାହିଁ। ଲୋକଙ୍କୁ ଆୟୁଧ କରି ପରିବହନ ବ୍ୟବସାୟକୁ ନିଜ କବଜାକୁ ନେବା ପାଇଁ ନିରୀହ ଆଦିବାସୀ ଲୋକ ମାନଙ୍କୁ ଏକାଠି କରାଯାଇ ସ୍ୱାର୍ଥ ସାଧନ ନିମନ୍ତେ ବ୍ୟବହାର କରାଯାଉଛି । ଖଣି ବନ୍ଦ ହେଲେ ସ୍ଥାନୀୟ ଗ୍ରାମବାସୀ ମାନେ ନିଜର ରୋଜଗାର ହରାଇବା ସହିତ ସ୍ଥାନୀୟ ଅଞ୍ଚଳର ଟ୍ରକ୍ ମାଲିକ ମାନେ ମଧ୍ୟ କାର୍ଯ୍ୟହରା ହେବେ। ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ କମ୍ପାନୀର ଖଣି କୋଇଡା ଅଞ୍ଚଳରେ ହୋଇଥିବା ବେଳେ ଏହି ଖଣିରୁ ଖଣିଜ ପରିବହନ କରାଯାଇ ଯୋଡ଼ା ଅଞ୍ଚଳରେ ଥିବା କମ୍ପାନୀର ନିଜସ୍ୱ କାରଖାନାକୁ ଅଣାଯାଇଥାଏ। ଏଥିରେ ଯୋଡ଼ା, ଜୁରୁଡ଼ି, ଜରିବାହାଲ, ବମେବାରି, କଳିମାଟି, ପାଳସା, ଦବୁନା, ରୁଗୁଡ଼ି ପ୍ରବୃତ୍ତି ଯୋଡ଼ା ଅଞ୍ଚଳର ଶହ ଶହ ଟ୍ରକ୍ ସମେତ କୋଇଡା ଅଞ୍ଚଳର କାଶିରା, ରେଙ୍ଗାଲବେଡା, କୋଇଡା, ମାଲଦା ପ୍ରଭୃତି ଅଞ୍ଚଳର ଶହ ଶହ ଟ୍ରକ୍ ପରିବହନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବହୁ ଖଣି ଓ ଶିଳ୍ପ କମ୍ପାନୀ ସ୍ଲରୀ ପାଇପ ଲାଇନ ଯୋଗେ ଲୁହାପଥର ପରିବହନ କରୁଥିବା ବେଳେ ଏହି କମ୍ପାନୀ କୋଇଡାରୁ ଲୁହାପଥର ଯୋଡ଼ା ଅଞ୍ଚଳରେ ଥିବା କାରଖାନାକୁ ଟ୍ରକ ଯୋଗେ ପରିବହନ କରୁଛି। ପୂର୍ବରୁ ଏହି କମ୍ପାନୀରୁ ପରିବହନ କାର୍ଯ୍ୟ ଏକଚାଟିଆ ଭାବେ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ର ପରିବହନ ଠିକାଦାର ମାନେ ପରିବହନ କରୁଥିଲେ। ସରକାର ବଦଳିବା ପରେ ଗ୍ରାମବାସୀଙ୍କ ସହଭାଗିତାରେ ପରିବହନ କାର୍ଯ୍ୟ କରାଯାଉଛି। ଗ୍ରାମବାସୀ ମାନେ ମଧ୍ୟ ସାମୂହିକ ଭାବେ ଏହି ଆନ୍ଦୋଳନରୁ ବିରତ ରହୁଥିବା ବେଳେ ବାହାର ଅଞ୍ଚଳରୁ ଲୋକଙ୍କୁ ବସରେ ଅଣାଯାଇ ଆନ୍ଦୋଳନର ରୂପ ଦିଆଯାଉଛି। ଏହି ଅଭିଯୋଗ ଖଣି ପ୍ରଭାବିତ ଅଞ୍ଚଳବାସୀ ମାନେ କହିଛନ୍ତି। ତେଣେ ଟ୍ରକ ମାଲିକ ମାନେ କହିଛନ୍ତି ଯେ, ପାଇପ ଲାଇନ୍ ଓ ରେଳପଥ ଜରିଆରେ ଲୁହାପଥର ପରିବହନ ହେଉଥିବା ସ୍ଥଳେ କୋଇଡା ଖଣି ମଣ୍ଡଳରୁ ଯୋଡ଼ା ସ୍ଥିତ କାରଖାନାକୁ କେବଳ ସଡ଼କ ପଥରେ ଏହି ପରିବହନ ଟ୍ରକ୍ ମାଲିକଙ୍କ ଜୀବନ ଜୀବିକାକୁ ଉଜ୍ଜୀବିତ କରି ରଖିଛି। ଆଞ୍ଚଳିକ ଟ୍ରକ୍ ମାଲିକ ସଂଘର ଉପ ସଭାପତି କହିଛନ୍ତି ଯେ, ଏହି ଖଣିରେ ବିଶୃଙ୍ଖଳା ହେଲେ ଏବଂ ରାଜନୀତି ପଶିଲେ ଋଣଗ୍ରସ୍ତ ଟ୍ରକ୍ ମାଲିକ ମାନେ ଆର୍ଥିକ ଅନାଟନର ଶିକାର ହେବେ। କେନ୍ଦୁଝର ଜିଲ୍ଲାରେ ଋଣ ଭାର ସହି ନ ପାରି ଟ୍ରକ୍ ମାଲିକ ଆତ୍ମହତ୍ୟା କରିଥିବାର ନଜିର ରହିଛି। ଏହାକୁ ଶୃଙ୍ଖଳିତ କରି ପରିବହନ କରାଗଲେ ଏବଂ ପାଇପ ଲାଇନ୍ ଓ ରେଳ ପଥରେ ଲୁହାପଥର ପରିବହନକୁ ବନ୍ଦ କରିବା ପାଇଁ ଟ୍ରକ୍ ମାଲିକ ମାନେ ଦାବି କରିବା ସହିତ ସୀମାନ୍ତ ଯୋଡ଼ା ଓ କୋଇଡା ବ୍ଲକ ଅଞ୍ଚଳରେ ଥିବା ବନ୍ଦ ଖଣି ଗୁଡିକୁ ଶୀଘ୍ର ଚାଲୁ କରିବା ପାଇଁ ଦାବି କରିଛନ୍ତି । ଏଦିଗରେ ରାଜ୍ୟ ସରକାର ଏକ ସ୍ପଷ୍ଟ ନୀତି ପ୍ରଣୟନ କରିବା ପାଇଁ ଟ୍ରକ୍ ମାଲିକ ମାନେ ଦାବି କରିଛନ୍ତି।

## ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା

ଗଜପତି, (ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ ଥିବା ସ୍ନାନବେଦୀ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇ ଯାଇଛି ।ଏହି ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଭିଷେକ କରାଯାଏ ।ଭୋର ରାତି ୪ ଟାରୁ ଦୁଆର ଖୋଲା ହେଲା ପରେ ଜଗନ୍ନାଥ ମହାପ୍ରଭୁଙ୍କ ଯଥାରୀତି ନୀତିକାନ୍ତି କରାଯିବା ପରେ ମହାପ୍ରଭୁଙ୍କ ମୈଲମ୍ ଆରତୀ ବାଲ୍ୟ ଧୂପ,ରାଜ ଧୂପ ସମ୍ପୂର୍ଣ୍ଣ ସରିବା ପରେ ପୁନର୍ବାର ମୈଲମ ହେଲା ଚାମର ନିତୀ ସମ୍ପର୍ଣ୍ଣ ହେଲା ପରେ ଦୁବ ଚାଉଳ ଅର୍ଘ୍ୟ କରାହୋଇ ମହାପ୍ରଭୁଙ୍କୁ ରତ୍ନସିଂହାସନରୁ ତଳକୁ ବିଜେ କରାହେଲା ତାପରେ ସମସ୍ତ ସେବକ ମିଶି ପାଟ କର୍ପୂର କପଡା ସହିତ ମହାପ୍ରଭୁଙ୍କୁ ସ୍ନାନବେଦୀ ଉପରକୁ ପହଣ୍ଡି ବିଜେ କରାଇଥିଲେ ।ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନବେଦୀ ଉପରେ ବିଜେ କରାଇ ଦକ୍ଷିଣା ବର୍ତ୍ତି ଆଳତୀ କରାଯାଇ ୧୦୮ ଗରା ଓ ୧୦୮ ପଇଡ଼ ପାଣିରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ୍ ଓ ଉପ ଜିଲ୍ଲାପାଳ ଅନୁପ ପଣ୍ଡା ଯୋଗ ଦେଇଥିଲେ ।ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ହୋମଗାର୍ଡ ନିଯୁକ୍ତି ପରୀକ୍ଷାରେ ଦୁର୍ନୀତିର ଗନ୍ଧ: ଚାକିରି ପାଇଁ ୫ ଲକ୍ଷର ଡିଲ୍

ନୟାଗଡ଼, (ମହାଭାରତ) : ଜିଲ୍ଲାରେ ହୋମଗାର୍ଡଙ୍କୁ ନିଯୁକ୍ତି ପାଇଁ ଏବେ ପ୍ରକ୍ରିୟା ଚାଲୁ ରହିଛି। ନୟାଗଡ଼ ଜିଲ୍ଲା ପାଇଁ ୯୦ ଜଣ ହୋମଗାର୍ଡଙ୍କ ଆବଶ୍ୟକତା ଥିବା ଦର୍ଶାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ୯୦ଟି ପଦବି ପାଇଁ ଚାରି ହଜାରରୁ ଊର୍ଦ୍ଧ୍ୱ ଆଶାୟୀ ରହିଛନ୍ତି। ଏତେ ଆଶାୟୀଙ୍କ ପାଇଁ ଏବେ ଦଲାଲ ମାନେ ବେଶ୍ ସକ୍ରିୟ ହୋଇଥିବା ଜଣାପଡ଼ିଛି। ଯେଉଁମାନେ ଏବେ ଚାକିରି ଦେବା ପାଇଁ ଆଶାୟୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଦାବି କରୁଥିବା ଚର୍ଚ୍ଚା ଚାଲିଛି। ଫଳରେ ଏହି ନିଯୁକ୍ତି ପରୀକ୍ଷାରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ଭାବେ ବାରି ହୋଇପଡ଼ିଛି। ଏ ଦିଗରେ ବରିଷ୍ଠ ପୁଲିସ ଅଧିକାରୀ ମାନେ ନିଶ୍ଚିତ ଭାବେ ହସ୍ତକ୍ଷେପ କରିବା ପାଇଁ ସାଧାରଣରେ ଦାବି ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଏହି ପରୀକ୍ଷା ପାଇଁ ଯେଉଁ ଯେଉଁ ନିୟମର ଆବଶ୍ୟକତା ରହିଛି, ଏହାର ଖୋଲା ଉଲଂଘନ କରାଯାଇଛି। ନିଯୁକ୍ତି ପାଇଁ କୌଣସି କମିଟି ଗଠନ ହୋଇନାହିଁ। ନିଜେ ରିଜର୍ଭ ଇନ୍ସପେକ୍ଟରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ପରୀକ୍ଷା ଚାଲୁ ରହିଛି। ଏତେ ସଂଖ୍ୟାରେ ଆଶାୟୀଙ୍କ ମଧ୍ୟରୁ ଚୟନ କରିବା ସେତେଟା ସହଜ ମନେ ହେଉ ନାହିଁ। ଫଳରେ ସ୍ୱାଭାବିକ ଭାବେ ଦଲାଲ ମାନେ ଏଥିରେ ସକ୍ରିୟ ହୋଇପଡ଼ିଛନ୍ତି। ଚାକିରିଟିଏ ପାଇଁ ଉହଳ ବିକଳ ହେଉଥିବା ଯୁବକ ମାନେ ଏମାନଙ୍କ ଜାଲରେ ସହଜରେ ଧରା ଦେଉଛନ୍ତି। ଜଣ ଜଣ ପିଛା ୩ ରୁ ୫ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ନେଇ ଚର୍ଚ୍ଚା ଚାଲିଛି। ଯିଏ ଯେତେ ଅଧିକ ଟଙ୍କା ଦେଇପାରିଲା, ସେମାନଙ୍କ ତାଲିକା ପ୍ରଥମରେ ରହିଛି। ଫଳରେ ଏହି ଆଶାୟୀ ମାନେ ଏବେ କରଜ କରି ଟଙ୍କା ଯୋଗାଡ଼ କରୁଥିବା ଶୁଣିବାକୁ ମିଳୁଛି। ଏମିତିକି ହାତରେ ସମୟ ବହୁତ କମ୍ ରହିଛି, ଟଙ୍କା ନ ଦେଲେ ଆଉ କାହାକୁ ଏହି ତାଲିକାରେ ସାମିଲ କରି ଦିଆଯିବ ବୋଲି ଦଲାଲ ମାନେ ଆଶାୟୀ ମାନଙ୍କୁ ଧମକ ଦେଉଥିବା ଜଣାପଡ଼ିଛି। ଏଣୁ ଭୟଭୀତ ହୋଇ ଦଲାଲ ମାନଙ୍କର ଦାବି ମୁତାବକ ଚାକିରି ଆଶାୟୀ ମାନେ ଲକ୍ଷ ଲକ୍ଷ ଟଙ୍କା ଦେଉଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ଦଲାଲ ମାନେ ଟଙ୍କା ଆଦାୟ କରି କେଉଁ ଅଧିକାରୀଙ୍କୁ ଦେଉଛନ୍ତି, ଏହାର ତଦନ୍ତ କରାଯିବା ଆବଶ୍ୟକତା ରହିଛି। ବିନା କୌଣସି ଅଧିକାରୀଙ୍କ ଅଭୟବାଣୀରେ ଏହି ସକ୍ରିୟ ଦଲାଲ ମାନେ ଏତେ ହୋଇପାରିବେ ନାହିଁ। ଏଣୁ ଘଟଣାର ତଦନ୍ତ କରାଯାଇ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା କୁହନ୍ତି ଯେ, ଆରଆଇଙ୍କ ନିୟନ୍ତ୍ରଣରେ ଏହି ବିଭାଗ ରହିଛି। ଏଣୁ ତାଙ୍କ ଦ୍ୱାରା ସମସ୍ତ ନିଯୁକ୍ତି ପରୀକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। କମିଟିର ମୁଖ୍ୟ ଏସ୍‌ପି ମଧ୍ୟ ରହିଛନ୍ତି। ଏଣୁ ଦଲାଲ ମାନେ ଟଙ୍କା ଆଦାୟ କରୁଥିବା ଅଭିଯୋଗ ତାଙ୍କ ନିକଟରେ ପହଞ୍ଚି ନାହିଁ। ଯଦି ଏମିତି ଅଭିଯୋଗ ଆସେ, ତେବେ ନିଶ୍ଚିତ ଭାବେ ସେଥିପ୍ରତି ଧ୍ୟାନ ଦିଆଯିବ।

### ଆଜିବି ରହିଛି ଭୂତ ପ୍ରେତର ଭୟ: ନବ ବିବାହିତ ପୁଅଙ୍କୁ ଭୂତ କରୁଛି ଟାର୍ଗେଟ

## ଭୟରେ ଗାଁ ଛାଡ଼ି ବାହାରେ ଜୀବନ ଜାପନ କରୁଛନ୍ତି ଗ୍ରାମବାସୀ



ରଣପୁର, (ମହାଭାରତ): ବିଶ୍ୱାସ ହେଉ ନଥିଲେ ମଧ୍ୟ ସତ। ନବ ବିବାହିତ ପୁଅଙ୍କୁ ନେଇଯାଉଛି ଭୂତ। ଘରର କାନ୍ଥ ରୁ ଲିଭିନି ବିବାହ ସମୟର ନାଁ କିନ୍ତୁ ଦୁନିଆଁରୁ ନାଁ ଲିଭାଇ ଦେଉଛି ଭୂତ। ଏବେବି ଅନ୍ଧ ବିଶ୍ୱାସର ରାଜୁତି ଚାଲିଛି। ନୟାଗଡ ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୨୦ କିଲୋମିଟର ଦୁରରେ ଥିବା ରଣପୁର ବ୍ଲକ ଦର୍ପନାରାୟଣପୁ ନିକଟସ୍ଥ ଗୁଣ୍ଡୁରାବାଡି ଗାଁ ହରିଜନ ସାହିର ଛାଞ୍ଚୁଣିଆ ଗାଁ। ଛାଞ୍ଚୁଣିଆ ଗାଁ ର ଏହି ହରିଜନ ସାହି ଏବେ ଜନ ଶୂନ୍ୟ ହେବା ମୁଖ୍ୟ କାରଣ ହେଲା ଗାଁର ପୁରୁଷ ଲୋକଙ୍କର ଜଣଙ୍କ ପରେ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ହେଲା। ଗତ ପାଞ୍ଚ ବର୍ଷ ମଧ୍ୟରେ ଗାଁର ସାତ ଜଣ ପୁରୁଷ ଲୋକଙ୍କର ଅଶ୍ୱାଭାବିକ ମୃତ୍ୟୁ ହେଲା। ଲୋକଙ୍କ କହିବା କଥା ହେଲା ପ୍ରଥମେ ଦେହ ଖରାପ ହେଲା ପରେ ରକ୍ତ ବାନ୍ତି କରି ଜୀବନ ଗଲା। ଏପରି ଜଣକ ପରେ ଜଣକ ପୁରୁଷ ଙ୍କ ର ମୃତ୍ୟୁ ହେବାପରେ ଛାଞ୍ଚୁଣିଆ ଗାଁ ର ହରିଜନ ସାହି ପୁରୁଷ ଶୂନ୍ୟ ହୋଇ ଗଲା। ମହିଳାଙ୍କୁ ଛାଡ଼ି କେବଳ ପୁରୁଷଙ୍କ ମୃତ୍ୟୁ ହେବାରୁ ଏହା ପ୍ରେତାତ୍ମା ର କାଣ୍ଡ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଦିନ ବେଳେ ମଧ୍ୟ ସେହି ସ୍ଥାନରେ ଠିଆ ହେଲେ ଛାତି ଥରୁଛି। କେହି ଭୂତ ପିଶାଚ ଗାଁକୁ ଗିଳି ରଖିଥିବା ରୁ ଗାଁ ଛାଡିଥିବା ଅନ୍ତେବାସୀ ମାନେ କହିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ହେଲା ପାଞ୍ଚ ବର୍ଷ ତଳେ ଗାଁ ର ଜଣେ ଯୁବତୀଙ୍କୁ କେହି ମାରୀ ଏହି ସ୍ଥାନୀୟରେ ମାଟିରେ ପୋତି ଦେଇଥିଲା। ତାହା ପରଠାରୁ ହିଁ ଗାଁରେ ଘଟୁଛି ଏପରି ଭୌତିକ ଘଟଣା। ଗାଁ ମହିଳା ମାନଙ୍କ କୌଣସି କ୍ଷତି ହେଉ ନଥିବା ବେଳେ କେବଳ ବିବାହିତ ପୁରୁଷ ମାନଙ୍କ ହିଁ ଅଶ୍ୱାଭାବିକ ମୃତ୍ୟୁ ହେଉଛି। ଗାଁରେ ଏକ ଦୁଷ୍ଟ ପ୍ରେତାତ୍ମା ରହୁଥିବାରୁ ଏପରି ହେଉଥିବା ବେଳେ ଗୁଣିଆ ତାନ୍ତ୍ରୀକ ସମସ୍ତଙ୍କ ସହାଯତା ନେଇ ନିରାସ ହେବାପରେ ସ୍ଥାନୀୟ ବାସିନ୍ଦା ଗାଁ ଛାଡି ଅନ୍ୟ ଗାଁରେ ଆଶ୍ରୟ ନେଇ ଥିବା କହିଛନ୍ତି। ପ୍ରକୃତରେ ଏଠାରେ କଣ ରହସ୍ୟ ରହିଛି ତାହା ଜାଣିବା ଏବଂ ବୁଝିବା ପାଇଁ ଆମେ ଚେଷ୍ଟା କରିଥିଲୁ। ଭୂତ ପିସାଚ ଙ୍କ ଭୟରେ ଏବେ ବି ଲୋକ ମାନେ ଏହି ସ୍ଥାନଙ୍କୁ ଯାଉ ନାହାନ୍ତି। ସରକାରୀ ସୁବିଧା ଏହି ଛାଞ୍ଚୁଣିଆ ଗାଁ ସବୁ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁନ୍ଦର ସୁନ୍ଦର ଘର ଗୁଡ଼ିକ ହୋଇଛି। ଗାଁ ରେ ନଳକୂପ ସହ କୂଅ, ପାଇଖାନା ମଧ୍ୟ ରହିଛି। କିନ୍ତୁ ଏବେ ଏଠି ଭୁତ ଭୟରେ ଲୋକ ମାନେ ଗାଁ ଛାଡିବା ପରେ ଧୀରେ ଧୀରେ ଗାଁ ଟି ଲଟି ଲୁଟା ଏବଂ ଗଛ ବଳୟ ମଧ୍ୟରେ ଲିନ୍ନ ହେବା ପାଇଁ ବସିଲାଣି। ଅନ୍ଧ ବିଶ୍ୱାସ ରାଜୁତି ସ୍ଥାନୀୟ ବାସିନ୍ଦାଙ୍କ ମନରେ ଏତେ ଭୟ ବସା ବାନ୍ଧିଥିବା ବେଳେ ଗାଁ କୁ ଫେରିବା କଥା କହିଲେ ଭୟରେ ଥରି ଉଠୁଛନ୍ତି ଏହି ଗ୍ରାମ ବାସୀ। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ ଗାଁ ରେ ଯେଉଁ ଭେଣ୍ଡିଆ ପୁଅ ବିବାହ କରେ ସେ ହିଁ ଏକ ବର୍ଷ ଭିତରେ ଅସ୍ୱାଭାବିକ ଭାବେ ମୃତ୍ୟୁ ବରଣ କରିଥାଏ। ଦେଖୁନାହାଁନ୍ତି କିଭଳି ଏତେ ସୁନ୍ଦର ଘରେ ବାହାଘର ର ନା ଚମକୁଛି। ଏପର୍ଯ୍ୟନ୍ତ ବି କାନ୍ଥ ରୁ ଏହି ନାଁ ଲିଭ ନାହିଁ କିନ୍ତୁ ଦୁନିଆଁରୁ ଏହି ନାଁ ଲିଭି ସାରିଛି। ଏପରି ଭେଣ୍ଡିଆ ପୁଅ ମାନଙ୍କୁ ହରାଇ ଶେଷରେ ଅନ୍ଧ ବିଶ୍ୱାସର ବଶିବୁତ ହୋଇ ନିଜର ଭିଟାମାଟି ଛାଡି ଅନ୍ୟ ଗାଁ ମାନଙ୍କରେ ଆଶ୍ରୟ ନେଇଛନ୍ତି। ଭୁତ ଭୟରେ ଏହି ଗାଁ ଛାଡିବା ପରେ ଏବେ ଏହି ଘର ଗୁଡ଼ିକ ସତରେ ଭୁତ କୋଠି ରେ ପରିଣତ ହୋଇଯାଇଛି। ସେପଟେ ଡାକ୍ତରଙ୍କ କହିବା କଥା ଜଳବାୟୁର କିଛି ସାଇଟ୍ ଇଫେକ୍ଟ ଏବଂ କିଛି ଲୋକଙ୍କ ଅନ୍ଧ ବିଶ୍ୱାସ ମାନସିକ ଚିନ୍ତା ଧାରା ପାଇଁ ସମାଜରେ ଏଭଳି ଘଟଣା ଦେଖା ଦେଉଛି। ନୟାଗଡ଼ ରେ ଭୂତ ପ୍ରେତ ନେଇ ଲୋକଙ୍କ ମୁଣ୍ଡରେ ବସା ବାନ୍ଧିଥିବା ଭୟକୁ ଦୂର କରିବା ପାଇଁ ପ୍ରଥମେ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ ରହିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରି ଏହାର ସତ୍ୟସତ ଏବଂ ନିରାକରଣ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିବା ବେଳେ ସେପଟେ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ କହିଛନ୍ତି। ଭୂତ ପ୍ରେତ ଭୟ ଏହା ଏକ ଅନ୍ଧ ବିଶ୍ୱାସ। ଗାଁ ଛାଡିବାର ଅନ୍ୟ କିଛି କାରଣ ଥାଇପାରେ। ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ ହୋଇଛି। ବାସହରା ଲୋକଙ୍କୁ ଅନ୍ୟ ସ୍ଥାନରେ ଥଇଥାନ କରାଯିବ ବୋଲି ସେ କହିଛନ୍ତି। ଭେଣ୍ଡିଆ ପୁଅ ବା ସ୍ୱାମୀ ମାନଙ୍କୁ ଅକାଳରେ ହରାଇ ଭୂତ ପ୍ରେତ ଭୟରେ ଛାଞ୍ଚୁଣିଆ ଗାଁ ଛାଡ଼ିଥିବା ଗ୍ରାମବାସୀ ପୁନର୍ବାର ସେହି ଯାଗା କୁ ଯିବାକୁ ମଙ୍ଗୁନଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏହି ଅନ୍ଧ ବିଶ୍ୱାସରୁ ବାହାର କରି ଅନ୍ୟତ୍ର ଯାଗା ଦେଇ ଥଇଥାନ କରୁଛି ନାଁ ସେହି ହରିଜନ ସାହି ବାସିନ୍ଦାଙ୍କ କଥା ଜିଲ୍ଲା ପ୍ରଶାସନ ଭୁଲି ଯାଉଛି ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଫେଇ ଅଭିଯାନ ଏବଂ ବିକାଶ ବାହନର ଶୁଭାରମ୍ଭ

କୋରାପୁଟ, (ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ଜିଲ୍ଲାରେ ବିକାଶ ମେଳା ପୋଲିସ ପ୍ୟାରେଡ ପଡ଼ିଆରେ ଠାରେ ଆଜିଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୭୦ ଟି ଷ୍ଟଲରେ ପଲ୍ଲୀଶ୍ରୀ ଏବଂ ଖାଦ୍ୟ ମେଳା ଅନୁଷ୍ଠିତ ହେଉଛି । ଯେଉଁଥିରେ କୋରାପୁଟ କଫି ଷ୍ଟଲ ସ୍ୱତନ୍ତ୍ର ଆକର୍ଷଣ ନେଉଛି। ଏହି ସ୍ଥଳରେ ଲୋକମାନେ କୋରାପୁଟ କଫିର ମଜ୍ଜା ନେଇ ପାରିବେ । ଏଥିସହ ପ୍ରତିଦିନ ସନ୍ଧ୍ୟାରେ ମେଲୋଡି, ଆଦିବାସୀ ନୃତ୍ୟ ଏବଂ ପୁରୁଣା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏହି ଅବସରରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଫେଇ ଅଭିଯାନ ଏବଂ ବିକାଶ ବାହନର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ବସଷ୍ଟାଣ୍ଡ ପରିସରରେ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ସଫେଇ ଅଭିଯାନ ର ଶୁଭାରମ୍ଭ କରିଥିଲେ।ନିଜେ ଜିଲ୍ଲାପାଳ ଝାଡୁ ଧରି ବସଷ୍ଟାଣ୍ଡ ପରିସରକୁ ସଫା କରୁଥିବା ଦେଖିବାକୁ ମିଳିଥିଲା। କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, କାଉନସିଲର ମାଲେଶ୍ୱର ରାଓ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଙ୍କ ସହ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସଫେଇ ଅଭିଯାନ ରେ ସାମିଲ ହୋଇଥିଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ବିକାଶ ବାହନ ର ଶୁଭାରମ୍ଭ କରିବା ପରେ ପୋଲିସ ପ୍ୟାରେଡ ପଡ଼ିଆ ଠାରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିଥିଲେ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ରେ ଉକ୍ତ ବାହନ ପରିଭ୍ରମଣ କରି ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି ।ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ଅନେକ ବିକାଶ ମୂଳକ କାର୍ଯ୍ୟ କରିଥିବା ସେ କହିଛନ୍ତି ।କୋରାପୁଟ ସହରରେ ବସଷ୍ଟାଣ୍ଡ ଏବଂ ବାଇପାସ୍ ରାସ୍ତା ନିର୍ମାଣ ଲୋକମାନଙ୍କର ରହିଥିବା ସ୍ୱପ୍ନକୁ ଆଜିର ସରକାର ପୂରଣ କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି ।

## ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଉପରେ ବିଧାୟକଙ୍କ ମାତ୍ରାଧିକ ହସ୍ତକ୍ଷେପ ନେଇ ତିରିଂ ପଞ୍ଚାୟତ ସମିତି ଜନପ୍ରତିନିଧିଙ୍କ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ରାଇରଙ୍ଗପୁର, (ମହାଭାରତ): ତିରିଂ ପଞ୍ଚାୟତସମିତି ଅଧିନରେ ଥିବା ଗ୍ରାମପଞ୍ଚାୟତ ସ୍ତରରେ ଗ୍ରାମସଭା ହୋଇ ପ୍ରକଳ୍ପଗୁଡିକ ପଞ୍ଚାୟତ ସମିତିରେ ପାରିତ ହୋଇଥିଲା ।ସରକାରଙ୍କ ଗାଇଡ ଲାଇନ ଏବଂ ଚିଠି ଅନୁସାରେ ପଞ୍ଚାୟତ ସମିତି ୬୦ % ଏବଂ ବିଧାୟକ ୪୦% ହିସାବରେ ପ୍ରକଳ୍ପ ଗୁଡ଼ିକ ଭାଗବଣ୍ଟା ହେବା କଥା ।କିନ୍ତୁ ବିଧାୟକ ପଞ୍ଚାୟତ ସମିତିକୁ କିଛି ନ ଜଣାଇ ସମସ୍ତ ପ୍ରକଳ୍ପ ଗୁଡିକୁ ଅନୁମୋଦନ କରିଛନ୍ତି ।ଏହାର ପ୍ରତିବାଦ ସ୍ୱରୂପ ତିରିଂ ପଞ୍ଚାୟତ ସମିତିର ସଭ୍ୟ/ ସଭ୍ୟା ଏବଂ ସରପଞ୍ଚ ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏହାର ପ୍ରତିବାଦ ସ୍ୱରୂପ ଗତ ୧୦/୦୬/ ୨୫ ତାରିଖ ଦିନ ବ୍ଲକରେ ହୋଇଥିବା' ବିକାଶ ବାହନ ରଥ' କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ । ଏହାକୁ ନେଇ ଗତ ୧୦ ତାରିଖରେ ପଞ୍ଚାୟତ ସମିତିର ଅଧକ୍ଷ ସମେତ ସରପଞ୍ଚ/ ସମିତି ସଭ୍ୟ / ସଭ୍ୟା ବୃନ୍ଦ ତିରିଂ ରେ ତିରିଂ ବିଡ଼ିଓଙ୍କ ଏବଂ ରାଇରଙ୍ଗପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରି ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ ଯେ ' ବିକଶିତ ଗାଁ ବିକଶିତ ଓଡିଶା' ପ୍ରକଳ୍ପ ବିଷୟରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ କରାଯାଇ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ / ସଭ୍ୟା ମାନଙ୍କ ଅଧିକାର ଦିଆଯାଉ । ନଚେତ ଆସନ୍ତା ୧୬/୦୬/୨୫ ତାରିଖରୁ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତି ପୁର୍ଣ ଧର୍ମଘଟରେ ବସିବା ପାଇଁ ବାଧ୍ୟ ହେବେ । ପଞ୍ଚାୟତ ସମିତି ଅଧକ୍ଷ ପରମେଶ୍ୱର ସାମାଡଙ୍କ ନେତୃତ୍ୱରେ,ଉପାଧ୍ୟକ୍ଷା ପୂର୍ଣ୍ଣମା ବାର୍ଦା, ଜିଲ୍ଲା ପରିଷଦ ସଦସ୍ୟ ପରେଶ ମୁଣ୍ଡା, ରେଙ୍ଗେଲବେଡା ସମିତି ସଭ୍ୟା ସୁମି ମାର୍ଣ୍ଡି,ନାରଣପୁର ସମିତି ସଭ୍ୟା ସୌଭ୍ୟାଗିନୀ ସି,ସାନଭୁଣ୍ଡୁ ସରପଞ୍ଚ ହାରାମି ମୁର୍ମୁ, ପଣ୍ଡୁପାଣି ସରପଞ୍ଚ, ଲୁପୁଙ୍ଗ ସମିତି ସଭ୍ୟା ଟୁଙ୍ଗି ଟୁଡୁ, ନାରଣପୁର ସରପଞ୍ଚ ଦେବେଶ ମାଝୀ, ଲୁପୁଙ୍ଗ ସରପଞ୍ଚ,ବଡନାରାଣି ସରପଞ୍ଚ କଳ୍ପନା ମାର୍ଣ୍ଡି,ପଣ୍ଡୁପାଣି ସମିତି ସଭ୍ୟା ଯେନାମଣି ଷୁଣ୍ଡି, କୁଲୁଘୁଟୁ ସମିତି ସଭ୍ୟ ଚାମରୁ ହେମ୍ବ୍ରମ, ଗିତିଲତା ସରପଞ୍ଚ ଭାଦା ସୋରେନ,ରେଙ୍ଗେଲ୍ବେଡା ସରପଞ୍ଚ ପ୍ରମୁଖ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳା




ଗଜପତି, (ମହାଭାରତ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି,ଜିଲ୍ଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳା ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ। ସରକାର ଗଠନର ଏକବର୍ଷ ଉପଲକ୍ଷିରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇ ବିକଶିତ ଓଡିଶା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଗତ ଏକ ବର୍ଷ ମଧ୍ୟରେ କେଉଁ ସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଅଛି ତାହାକୁ ଲୋକଲୋଚନରେ ପ୍ରକାଶ କରିବା ଉଦ୍ଦେଶ୍ୟରେ ସମଗ୍ର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ହେଉଛି ବିକାଶ ମେଳା ଏବଂ ବିକାଶ ବାହନଯାତ୍ରା । ସରକାରଙ୍କ ଆଭିମୁଖ୍ୟ ରହିଛି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣ ଅବଗତ ହେବେ ଏବଂ କେଉଁ ଯୋଜନାରୁ କିଭଳି ଲୋକେ ଉପକୃତ ହୋଇପାରିବେ ସେହି ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କୁ ବ୍ୟାପକ କରାଯିବ । ଏହି ପରିପ୍ରେକ୍ଷୀରେ ଗଜପତି ଷ୍ଟାଡିୟମ୍ ଠାରେ ଆସନ୍ତା ତା.୧୪.୦୬.୨୦୨୫ ରିଖ ଠାରୁ ତା.୨୦.୦୬.୨୦୨୫ ରିଖପର୍ଯ୍ୟନ୍ତ ସାତ ଦିନ ଧରି ଆୟୋଜିତ ହେବ ଜିଲ୍ଲାସ୍ତରୀୟ ବିକାଶମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳା । ଏହି ମେଳାରେ ବିଭିନ୍ନ ଲାଇନ୍ ବିଭାଗ ସମେତ ପଞ୍ଚୟତି ରାଜ ବିଭାଗ ପକ୍ଷରୁ ୭୭ ଗୋଟି ଷ୍ଟଲ ଗୁଡିକ ପ୍ରସ୍ତୁତ କରାଯାଉଛି । ପ୍ରତ୍ୟେକ ବିଭାଗ ପକ୍ଷରୁ ସମସ୍ତ ସେବା ପ୍ରଦାନ କରାଯାଉଅଛି ତାହା ଉକ୍ତ ଷ୍ଟଲ ଗୁଡିକରେ ଦର୍ଶାଇ ଦିଆଯିବ । ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲାର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରିବଟା ହେବ । ମିଶନ୍ ଶକ୍ତି ମା ମାନଙ୍କ ଦ୍ୱାରା ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଓ ପ୍ରଦର୍ଶନ ହେବ । ପ୍ରତ୍ୟେକ ଦିନ ପୂର୍ବାହ୍ନରେ ବିଭିନ୍ନ ବିଭାଗ ଦ୍ୱାରା କର୍ମଶାଳା, ଆଲୋଚନା ଚକ୍ର ଏବଂ ପ୍ରଶିକ୍ଷଣ ଶିବିର ଆୟୋଜନ କରି ହିତାଧିକାରୀ ମାନଙ୍କୁ ପରାମର୍ଶ ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହା ସହିତ ଗଜପତି ଜିଲ୍ଲାର ୧୩୯ ଗୋଟି ଗ୍ରାମ୍ୟ ପଞ୍ଚାୟତରେ ବିକାଶ ବାହନ ଯାତ୍ରା ଭ୍ରମଣ କରିବ । ଏହି ବାହନଟି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବ । ପଞ୍ଚାୟତରେ ପ୍ରଚାର ପ୍ରସାର ସମୟରେ ବିଭିନ୍ନ ବିଭାଗର ଜନହିତକର ସେବା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଅଛି । ଆଧାରକାର୍ଡ ପଞ୍ଜିକରଣ, ରାଜସ୍ୱ ପଟ୍ଟା ପ୍ରଦାନ , କିଷାନ କ୍ରେଡିଟ୍ କାର୍ଡ ବଣ୍ଟନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଜ୍ୟୋତି ଯୋଜନାର ଆବେଦନ ପ୍ରକ୍ରିୟା ସଚେତନତା ସହିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଜବକ୍ଲାର୍ଡ ବଣ୍ଟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ରାସନ୍ କାର୍ଡ , ଉଜ୍ଜଳା , କୃଷି ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କିଷାନ ଯୋଜନା, ପ୍ରଧାନ ମନ୍ତ୍ରୀ କିଷାନ ଯୋଜନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ବାସିନ୍ଦା, ଉତ୍ତରାଧିକାରୀ ପ୍ରମାଣ ପତ୍ର, ଆୟ, ଜାତିଗତ ପ୍ରମାଣ ପତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଭୟ ବନ୍ଦନା ଯୋଜନା, ସିକିଲସେଲ୍, ଯକ୍ଷ୍ମା, ଔଷଧ ସିଞ୍ଚନ କରାଯାଇଥିବା ମଶାରୀ ବଣ୍ଟନ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି, ଅନୁସୂଚୀତ ଜାତି ଓ ଜନଜାତିଙ୍କୁ ପଟ୍ଟା , ମାଧୋସିଂ ହାତଖର୍ଚ୍ଚ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସୁଭଦ୍ରା ଯୋଜନା, ମମତା ଯୋଜନା, ମିଶନ୍ ଶକ୍ତି ଦ୍ୱାରା ଲକ୍ଷପତି ଦିଦି,ଜଙ୍ଗଲ ଓ ପରିବେଶ ବିଭାଗ , ଯୋଗ୍ୟ ବିବେଚିତ ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରଦାନ କରାଯାଇ ସେମାନେ କିଭଳି ଆତ୍ମନିର୍ଭରଶୀଳ ହେବେ ସେଦିଗରେ ସଚେତନତା କରାଯିବ । ଅର୍ଥ ବିଭାଗ ଦ୍ୱାରା ଜନଧନ ଆକାଉଣ୍ଟ ଖୋଲିବା, ହସ୍ତତନ୍ତ ଓ ବୟନ ଦ୍ୱାରା ବୁଣାଳୀ ମାନଙ୍କୁ ପେନସନ୍ ଯୋଜନା, ଶ୍ରମ ଓ କର୍ମଚାରୀ ବୀମା ଯୋଜନା ଦ୍ୱାରା ଶ୍ରମ କାର୍ଡ , ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଏମ୍ଏସ୍ଏମ୍ଇ ଦ୍ୱାରା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, କିଷାନ କ୍ରେଡିଟ୍ କାର୍ଡ ପ୍ରଦାନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରାଯିବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଡେପୁଟି ସିଇଓ ଓରର୍ମାସ ଶ୍ରୀ ସୁବଳ ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ।

## ମାନତୀରା ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା




ଦାନଗଦୀ : (ମହାଭାରତ) ବ୍ଲକ ଅନ୍ତର୍ଗତ ମାନତୀରା ଗ୍ରାମରେ ଜଗନ୍ନାଥ ମନ୍ଦିର ର ପ୍ରଚଳିତ ବିଭିନ୍ନ ଯାତ୍ରା, ପର୍ବ, ପର୍ବାଣୀ ର ପରମ୍ପରା ଅନୁଯାୟୀ ଚଳିତ ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ ଆରାଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମାନତୀରା ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ର ତତ୍ତ୍ୱାବଧାନରେ ମନ୍ଦିର ର ପରମ୍ପରା ଅନୁଯାୟୀ ମହାପ୍ରଭୁ ଙ୍କ ଶ୍ରୀ ବିଗ୍ରହ ମାନଙ୍କୁ ମାନତୀରା ମନ୍ଦିର ର ସେବକ ସମ୍ପ୍ରଦାୟ ,ପୂଜାପଣ୍ଡା ତଥା ଗ୍ରାମର ବ୍ରାହ୍ମଣ ମାନଙ୍କ ଦ୍ୱାରା ପହଣ୍ଡି କରି ସ୍ନାନ ମଣ୍ଡପ ରେ ବିଜେ କରାଯାଇ ଚତୁର୍ଦ୍ଧା ବିଗ୍ରହ ଙ୍କର ବୈଦିକ ରୀତିରେ ସମସ୍ତ ଉପଚାର ପୂର୍ବକ ଦିବ୍ୟ ସ୍ନାନ କରାଯାଇଥିଲା । ମାନତୀରା ଜଗନ୍ନାଥ ମନ୍ଦିର କର୍ମକର୍ତ୍ତା ମାନଙ୍କ ସହ ଶାଖା ର ସମସ୍ତ ଚରଣ ଭାଇ ମାନେ ତଥା ଗ୍ରାମ ର ସଙ୍କୀର୍ତ୍ତନ ମଣ୍ଡଳୀ ,ଯୁବକ ସମ୍ପ୍ରଦାୟ ସାମୁହିକ ସ୍ୱାଧ୍ୟାୟ, ସଙ୍କୀର୍ତ୍ତନ ମାଧ୍ୟମ ରେ ଏକ ଅପୂର୍ବ ଆନନ୍ଦ ମୟ ବାତାବରଣ ସୃଷ୍ଟି କରିଥିଲେ । ଏହି ଉତ୍ସବ ରେ ଅଞ୍ଚଳସ୍ଥ ଆଖପାଖ ଗ୍ରାମରୁ ବହୁ ସଂଖ୍ୟାରେ ଭକ୍ତ ମାନେ ଯୋଗ ଦାନ କରି ସ୍ନାନ ମଣ୍ଡପ ରେ ଶ୍ରୀବିଗ୍ରହ ମାନଙ୍କର ଦିବ୍ୟ ସ୍ନାନ ଲୀଳା ତଥା ଗଜାନନ ବେଶ ଦର୍ଶନ ପୂର୍ବକ ମହାପ୍ରସାଦ ସେବା କରି , ପ୍ରଭୁ ଙ୍କର ଦିବ୍ୟ କୃପା ପ୍ରାପ୍ତି କରିବା ସହ ଉତ୍ସବ କୁ ଭବ୍ୟ, ଦିବ୍ୟ ଆନନ୍ଦାଭିଭୁତ କରି ଭକ୍ତି ମୟ ପରିବେଶ ସୃଷ୍ଟି କରିଥିଲେ ।

## ପ୍ରେମ ପାଇଁ ଜୀବନ ହାରିଲା ନାବାଳିକା

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ସାଏଙ୍ଗ ଗ୍ରାମ ରୁ ଆସିଛି ଏକ ଅଭାବନୀୟ ଘଟଣା, ପ୍ରେମ ପାଇଁ ଆତ୍ମହତ୍ୟା କରିଛି ଜଣେ +୨ ନାବାଳିକା ଛାତ୍ରୀ। ସୂଚନା ମୁତାବକ ଏହି ଗ୍ରାମ ର ଅଜୟ ସ୍ୱାଇଁ ଓ ମାନସୀ ସ୍ୱାଇଁ ଙ୍କ ନାବାଳିକା ଝିଅ ରତନପୁର କଲେଜ ରେ +୨ ପାଠ ପଢୁଥିଲେ। ଅସ୍ତରଙ୍ଗ ବ୍ଲକ ରାଇକଣା ଗ୍ରାମ ର ଅଶୋକ ସ୍ୱାଇଁ ଙ୍କ ପୁଅ ସହ ପ୍ରେମ ସମ୍ପର୍କ ରେ ରହିଥିଲେ। ମାତ୍ର ୨ ଜଣଙ୍କ ଭିତରେ କିଛି ଅପ୍ରୀତିକର ଘଟଣା ଘଟିଛି ଯାହା ପରିବାର ଲୋକ ଙ୍କ ତରଫରୁ ଜଣାପଡୁଛି, ଏହି ଘଟଣା କୁ କେନ୍ଦ୍ର କରି ଗତକାଲି ମଧ୍ୟାହ୍ନ ରେ ମାନସୀ ଙ୍କ ନାବାଳିକା ଝିଅ ଘର ଭୀତରେ ମା ଙ୍କ ପିନ୍ଧା ଲୁଗା କୁ ବେକରେ ଲଗାଇ ଆତ୍ମହତ୍ୟା କରୁଥିବା ବେଳେ ପରିବାର ଲୋକ ତାଙ୍କୁ ଗୁରୁତ୍ୱର ଅବସ୍ଥା ରେ ଉଦ୍ଧାର କରି ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଚରିଛକ ରେ ଚିକିତ୍ସା କରିଥିଲେ ।ସେଠି ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ଗୁରୁତ୍ୱର ହେବା ପରେ କଟକ ନିଆଯାଇଥିଲା ମାତ୍ର ସେଠି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ମାନସୀ ଙ୍କ ୧୫ ବର୍ଷୀୟା ନାବାଳିକା ଝିଅ, ଆତ୍ମହତ୍ୟା ପୂର୍ବରୁ ପ୍ରେମିକ ରିଙ୍କୁ ସ୍ୱାଇଁ ଙ୍କ ସହ କଥା ହୋଇଥିଲେ ମାନସି ଙ୍କ ଝିଅ, ଏହି ଘଟଣା ପରେ ସମ୍ପୂର୍ଣ୍ଣ ଅଞ୍ଚଳ ରେ ଏକ ପ୍ରକାର ଭାବବିହୋଳ ପରିବେଶ ସୃଷ୍ଟି ହୋଇଛି । ମୃତ୍ୟୁବରଣ କରିଥିବା ଝିଅ ର ବାପା ଅଜୟ ସ୍ୱାଇଁ ଜଣେ କୀଡୀନି ରୋଗୀ, ଗାଁ ବିଦ୍ୟାଳୟ ସାମ୍ନା ରେ ଏକ ପାନ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି ଆଉ ସେଥିରେ ସେ ମଧ୍ୟ ଡାଇଲାସିସ୍ ମଧ୍ୟ ହୁଅନ୍ତି, ମାତ୍ର କମ ବୟସ ରେ ପ୍ରେମ ରେ ନାବାଳିକା ଝିଅ ଫସି ଏହିଭଳି ଘଟଣା ଘଟାଇଥିବାରୁ ଦୁଃଖ ରେ ଭାଙ୍ଗି ପଡିଛନ୍ତି ପରିବାର ଲୋକ ଓ ଆତ୍ମୀୟସୋଜନ, ଯାହାକୁ ନେଇ ଅସ୍ତରଙ୍ଗ ଥାନା ରେ ଲିଖିତ ଅଭିଯୋଗ ହେବା ପରେ, ଥାନା ତରଫରୁ ୧୧୭/ ୨୫ରେ ମାମଲା ପଞ୍ଜିକରଣ ହୋଇ ତଦନ୍ତ ଆରମ୍ଭ ହୋଇଛି ।

## ଜବର ଦଖଲ ଉଚ୍ଛେଦ କାର୍ଯ୍ୟରେ ବାଧା, ୧୩ ଜଣଙ୍କ ନାମରେ ମାମଲା



ଅସ୍ତରଙ୍ଗ,( ମହାଭାରତ): ପାଟଳଦା ପଞ୍ଚାୟତ କୁସୁମ୍ବର ମୌଜାର ବରଡ଼ିର ସଞ୍ଜୟ ମହାପାତ୍ରଙ୍କୁ ଜବର ଦଖଲରୁ ହଟାଇବାକୁ ଉଦ୍ୟମ ବେଳେ ଗ୍ରାମବାସୀଙ୍କ ପକ୍ଷରୁ କେତେକ ଲୋକ ଏହାକୁ ବିରୋଧ କରିବା ଓ ୭ ଦିନ ମହଲତ ନେବାରୁ ଉଚ୍ଛେଦ ପ୍ରକ୍ରିୟା ସାମୟିକ ଭାବେ ସ୍ଥଗି ରହିଥିଲା ସରକାରୀ କାର୍ଯ୍ୟରେ ବାଧାପ୍ରାପ୍ତ ହେବାରୁ ଏବେ ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରସାଦ ପଣ୍ଡାଙ୍କ ଅଭିଯୋଗ କ୍ରମେ ଅସ୍ତରଙ୍ଗ ଥାନାରେ ସ୍ଥାନୀୟ ଲୋକଙ୍କ ମଧ୍ୟରୁ ୧୩ଜଣଙ୍କ ୧୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି ସେମାନେ ହେଲେ ସଞ୍ଜୟ କୁମାର ମହାପାତ୍ର,ଯଶୋବନ୍ତ ନାୟକ,ବିଚୁଲତା ମହାପାତ୍ର,ନୀଳେନ୍ଦ୍ରୀ ମହାପାତ୍ର,କଳ୍ପନା ନାୟକ,ସଂଯୁକ୍ତା ନାୟକ,ପ୍ରମିଳା ନାୟକ,ସୁଲଚନା ନାୟକ,ସବିତା ନାୟକ,ସନ୍ଧ୍ୟାରାଣୀ ମହାପାତ୍ର,ସୁକାନ୍ତି ମାହାପାତ୍ର,ଲିଲିମା ମଞ୍ଜରୀ ମହାପାତ୍ର ଓ ମିନାକ୍ଷୀ ନାୟକ ରହିଛନ୍ତି । ପ୍ରକାଶ ଥାଉକି ଗତ ୦୬ ତାରିଖ ଦିନ ପୂର୍ବାହ୍ନରେ ଅସ୍ତରଙ୍ଗ ତହସିଲ ପ୍ରଶାସନ,ପୁଲିସ୍ ଫୋର୍ସ ଓ ଅସ୍ତରଙ୍ଗ ଥାନାର କର୍ମଚାରୀମାନେ କୁସୁମ୍ବର ମୋଜା ସାମିଲ୍ ବରଡ଼ି ଗ୍ରସ୍ତକରିଥିଲେ ଜବରଦଖଲ ମାମଲା ୦୫/୨୦୧୪-୨୫ ମୁତାବକ ଖାତା ନଂ ୨୫୫,ପ୍ଲଟ୍ ନଂ ୧୫୧, କିଷମ ଗ୍ରାମ୍ୟ ଜଙ୍ଗଲ ଉପରୁ, ଉଚ୍ଛେଦ ପାଇଁ ସ୍ଥିର ହୋଇଥିଲା ଉଚ୍ଛେଦ ପାଇଁ ଉଦ୍ୟମ ବେଳେ ସ୍ଥାନୀୟ ଲୋକଙ୍କ ବାଧା ସୃଷ୍ଟିକରିବା ଦର୍ଶାଇ ତହସିଲ୍ ପ୍ରଶାସନ ଅଭିଯୋଗ କରିବାକୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

## ବିପୁଳ ପରିମାଣର ମହୁଲ ଫୁଲ ଜବତ, ଜଣେ ଗିରଫ

ରାଇରଙ୍ଗପୁର(ମହାଭାରତ): ମୟୂରଭଂଜ ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ଶ୍ରୀ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ଶ୍ରୀ ବିନୟ ପ୍ରକାଶ ତୀର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗଣ୍ଡିଦା ଗ୍ରାମରେ ଚଢ଼ାଉ କରାଯାଇ ୨୨୫୦ କିଲୋଗ୍ରାମ ମହୁଲ ଫୁଲ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଗଣ୍ଡିଦା ଗ୍ରାମର କବିତା ମହନ୍ତଙ୍କୁ ଗିରଫ କରାଯାଇଛି ।ଜବତ ହୋଇଥିବା ମହୁଲ ଫୁଲର ଆନୁମାନିକ ମୂଲ୍ୟ ୦୧ ଲକ୍ଷ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।

## ଇଫକୋ ପାରାଦୀପ ୟୁନିଟ୍‌କୁ ଗ୍ରୀନ୍‌ଟେକ୍ ପରିବେଶ ପୁରସ୍କାର




ପାରାଦୀପ(ମହାଭାରତ): ନୂଆଦିଲ୍ଲୀଠାରେ ୨୪ତମ ଗ୍ଲୋବାଲ୍ ଏନଭିରୋନମେଣ୍ଟ ସସଷ୍ଟେନେବିଲିଟି ସମ୍ମିଟ୍-୨୦୨୫ ରେ ପାରାଦୀପର ଇଫକୋ ୟୁନିଟ୍‌କୁ ୨୦୨୫ ନିମନ୍ତେ ଗ୍ରୀନ୍‌ଟେକ୍ ପରିବେଶ ପୁରସ୍କାର ପ୍ରଦାନ କରାଯାଇଛି । ଇଫକୋର ଇପିସି ବିଭାଗର ପ୍ରବନ୍ଧକ ଡି. ମହାନ୍ତି ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଆସାମର ପୂର୍ବତନ ରାଜ୍ୟପାଳ ପ୍ରଫେସର ଜଗଦିଶ୍ ମୁଖୀଙ୍କ ଠାରୁ ଶ୍ରୀ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ ।ପରିବେଶ ସୁରକ୍ଷା ଦିଗରେ ଇଫକୋ ପାରାଦୀପ ୟୁନିଟ୍‌ର ନିଷ୍ଠା, ଆଗ୍ରହକୁ ଦୃଷ୍ଟିରେ ରଖି ଏହି ପୁରସ୍କାର ପ୍ରଦାନ କରାଯାଇଛି । ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କ ମାର୍ଗଦର୍ଶନ ସହିତ ଇଫକୋ ପରିବେଶ ଓ ସୁରକ୍ଷା ବିଭାଗ ପ୍ରବନ୍ଧକ ଆର୍.କେ.ସ୍ୱାଇଁ ପରିଚାଳନାରେ ଇଫକୋ ପାରାଦୀପ ୟୁନିଟ୍ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଆଦି କାର୍ଯ୍ୟ ସଫତାର ସହିତ ସମ୍ପାଦିତ କରିଆସିଛି । ଏହି ପୁରସ୍କାର ଇଫକୋ ପରିବାର ସମେତ ଇଫକୋର ସମସ୍ତ ସହଯୋଗୀ ସଂସ୍ଥାମାନଙ୍କ ନିମନ୍ତେ ପ୍ରେରଣାଦାୟକ ହେବ । ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତିଙ୍କ ପରିଚାଳନାରେ ଦୀର୍ଘ ୬୦ ବର୍ଷ ଧରି ଇଫକୋ ସମସ୍ତଙ୍କ ପ୍ରିୟପାତ୍ର ହେବା ସହିତ କୃଷକମାନଙ୍କ ସହିତ ଯୋଡି ହୋଇ ବିଶ୍ୱର ସର୍ବବୃହ□ ସମବାୟଭିତ୍ତିକ ସଂସ୍ଥା ଭାବେ ଉଭା ହୋଇଛି ବୋଲି ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି ।

## ପାରାଦୀପ ପୋଲିସ୍ ବିରୁଦ୍ଧରେ ପକ୍ଷପାତିତା ଅଭିଯୋଗ ଆଣିଲେ ପିପିଡିଏମୟୁ ସମ୍ପାଦକ

ପାରାଦୀପ(ମହାଭାରତ) ପାରାଦୀପର ଅନ୍ୟତମ ପୁରାତନ ଶ୍ରମିକ ସଙ୍ଗଠନ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ(ପିପିଡିଏମୟୁ)ର ସାଧାରଣ ସମ୍ପାଦକ ସନାତନ ବେହେରା ଗୁରୁବାର ଦିନ ସାମ୍ବାଦିକ ସମ୍ମିଳନୀରେ ୟୁନିୟନର ବିଭିନ୍ନ ବିବାଦରେ ପାରାଦୀପ ପୋଲିସ୍ ପକ୍ଷପାତିତା କରୁଥିବାର ଅଭିଯୋଗ କରିଛନ୍ତି । ଗତ ମେ ମାସ ୧୨ ତାରିଖ ଦିନ ୟୁନିୟନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଚାଲୁଥିବା ସମୟରେ ୟୁନିୟନରୁ ବହିଷ୍କୃତ ହୋଇଥିବା ନିରଂଜନ ମହାପାତ୍ର, ବିଜୟ ବରାଳ, ବିରଂଚି ସୁନ୍ଦରାୟ, କାଳୁ ଚରଣ ବରାଳ, ଅଲାରନାଥ ରଣହାନ୍ଦୋଳ ପ୍ରମୁଖ ଧସେଇ ପଶି ସାଧାରଣ ସମ୍ପାଦକ ସନାତନ ବେହେରାଙ୍କୁ ଗାଳିଗୁଲଜ କରିଥିବା ନେଇ ଶ୍ରୀ ବେହେରା ପାରଦୀପ ଆଦର୍ଶ ଥାନା ଅଧିକାରୀ ଓ ଏଏସପିଙ୍କୁ ଅବଗତ କରିବା ପରେ ଘଟଣାସ୍ଥଳରେ ପୋଲିସ ପହଂଚିଥିଲା । ଏହା ପାରାଦୀପ ଏଡିଏମ୍‌ଙ୍କ ଉପସ୍ଥିତିରେ ଏକ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ୟୁନିୟନ୍‌ର ସଭ୍ୟ ନଥିବା ତଥା ବହିଷ୍କୃତ ହୋଇଥିବା ବ୍ୟକ୍ତି ଉପସ୍ଥିତ ରହିବାରୁ ଏହି ଆଲୋଚନା କାର୍ଯ୍ୟକ୍ରମକୁ ଶ୍ରୀ ବେହେରା ବିରୋଧ କରିଥିଲେ । ଗତ ମେ ମାସ ୧୬ ତାରିଖରେ ବିରଂଚି ସୁନ୍ଦରାୟ, କାଳୁ ଚରଣ ବରାଳ, ଶରତ ମଲ୍ଲିକ ପ୍ରମୁଖ ୟୁନିୟନ କାନ୍ଥରେ ରଙ୍ଗ ମାରିବା ଘଟନା ବିରୁଦ୍ଧରେ ଅଭିଯୋଗ କରାଯାଇଥିଲା । ମେ ମାସ ୨୦ ତାରିଖରେ ବିଘ୍ନେଶ ସ୍ୱାଇଁ ୟୁନିୟନ ରେକର୍ଡ ରୁମରେ କାଗଜପତ୍ର ଫୋପାଡିବା, କମ୍ପ୍ୟୁଟର ଫୋପାଡିବା ସହିତ ଶ୍ରୀ ବେହେରାଙ୍କୁ ଗାଳିଗୁଲଜ କରିବା ନେଇ ପାରାଦୀପ ଥାନାରେ ଅଭିଯୋଗ କରାଯାଇଥିଲା । ଏହା ପରେ ୟୁନିୟନ୍ ପକ୍ଷରୁ କୁଜଙ୍ଗ ଜେଏମଏଫସି କୋର୍ଟରେ ଆଶ୍ରୟ ନିଆଯାଇଥିଲା । ବାରମ୍ବାର ଅଭିଯୋଗ ପରେ ପାରାଦୀପ ପୋଲିସ୍ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ପକ୍ଷପତିତାକୁ ଶ୍ରୀ ବେହେରାଙ୍କ ସମେତ ଯୁଗ୍ମ ସମ୍ପାଦକ ପ୍ରମୋଦ ପାଲଟାସିଂ, ପରେଶ ପ୍ରଧାନ, କୁମର ରାଉତ ପ୍ରମୁଖ ଦୃଢ ନିନ୍ଦା କରିଛନ୍ତି ।

## ଠାକୁରମୁଣ୍ଡା ବ୍ଲକ ରେ ବିକାଶ ବାହାନ ରଥ ଶୁଭାରମ୍ଭ



କରଞ୍ଜିଆ, (ମହାଭାରତ) ରାଜ୍ୟ ସରକାର ଙ୍କ ୧ ବର୍ଷ ପୂର୍ତ୍ତି ଅବସର ରେ ସରକାର ଙ୍କ ସଫଳତା ଲୋକଙ୍କୁ ଜଣାଇବା ପାଇଁ ରାଜ୍ୟ ସରକାର ଙ୍କ ପକ୍ଷରୁ ଶୁଭାରମ୍ଭ ହୋଇଥିବା ବିକାଶ ବାହାନ ରଥ ଠାକୁରମୁଣ୍ଡା ବ୍ଲକ ରେ ଗୁରବାର ଦିନ ଶୁଭାରମ୍ଭ ହୋଇଛି ।ବ୍ଲକ ପରିସର ରେ ବିକାଶ ବାହାନ ରଥକୁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି ଅବସର ରେ ବ୍ଲକ ଏବିଡ଼ିଓ ଟଙ୍କଧର ମହାନ୍ତ,ସହକାରୀ ଶ୍ରମ ଅଧିକାରୀ ବିଷ୍ଣୁ ପ୍ରିୟା ନାୟକ,ବରିଷ୍ଠ କିରାଣୀ ନିହାର ମହାକୁଡ଼,ଯୋଗାଣ ନିରୀକ୍ଷକ ଦିଲ୍ଲୀପ କୁମାର ସାହୁ,ଦିଗଧର ସରପଞ୍ଚ ମଳୟ ପରିମାଣିକ ସମେତ ସାଧାରଣ ଲୋକ ମାନେ ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ବ୍ଲକ ର ୧୮ ଗୋଟି ଗ୍ରାମପଞ୍ଚାୟତ ର ବିଭିଭ ଗ୍ରାମକୁ ଯାଇ ଏହି ରଥ ସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ ଅବଗତ କରାଇବ ।ସୁଭଦ୍ରା ଯୋଜନା ମଧ୍ୟମ ରେ ମହିଳା ସଶକ୍ତିକରଣ, ସାମାଜିକ ସୁରକ୍ଷା, ପଛୁଆ ବର୍ଗ ଙ୍କୁ ଶିକ୍ଷା କ୍ଷେତ୍ର ରେ ସଂରକ୍ଷଣ, ଚକିରୀ ବୟସ ବୃଦ୍ଧି, ଦୃତ ଶିଳ୍ପାୟନ,ଧାନ କିଣା ରେ ଇନପୁଟ ୮ ସହ ଟଙ୍କା ଚଷୀ ଙ୍କୁ ପ୍ରଦାନ,ଆୟୁଷମାନ ଯୋଜନା ସମ୍ପର୍କରେ ବାହାନ ରଥ ପ୍ରଚର କରିବ।

## ଗାଁ ସହରୀ ରାସ୍ତା ପାଇଁ ଗୁହାରୀ କଲବଲ କରୁଛି କାଦୁଅ ପଚପଚ ରାସ୍ତା

ହିନ୍ଦୋଳ(ମହାଭାରତ)ଦେଶ ସ୍ୱାଧୀନତା ହେବାର ୭୮ବର୍ଷ ପରେ ମଧ୍ୟ ଏବେବି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଅନେକ ଗ୍ରାମକୁ ସ୍ଥାୟୀ ରାସ୍ତା ପାଲଟିଛି ଦିବାସ୍ୱପ୍ନ ଅପହଞ୍ଚ ଅପାନ୍ତର ଅଞ୍ଚଳ ସାଜିଛି ଅନେକ ଗୁଡିଏ ଗ୍ରାମ। ର୍ନିବାଚନବେଳେ ମାଲମାଲ ମିଥ୍ୟା ପ୍ରତିଶୃତି ଦେଇ ଭୋଟ ହାତେଇ ନେବାପରେ ର୍ନିବାଚିତ ପ୍ରତିନିଧିମାନେ ଭୁଲି ଯାଆନ୍ତି ପ୍ରଜା ମାନଙ୍କୁ ।ଖବରରୁ ପ୍ରକାଶ ହିନ୍ଦୋଳ ର୍ନିବାଚନମଣ୍ଡଳୀ ଅନ୍ତର୍ଗତ ହିନ୍ଦୋଳ ଏନଏସି ର ଆଦିବାସୀ ହରିଜନ ବହୁଳ ୱାର୍ଡନଂ-୯ର ପୁରୁଷୋ□ମପୁର ହରିଜନସାହିରେ ବସବାସ କରୁଥିବା ୬୦/୭୦ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ୨୦୨୧-୨୨ମସିହାରେ ବହୁଉଦ୍ୟମରେ ହିନ୍ଦୋଳ ଏନଏସି ପକ୍ଷରୁ ଆରଡ଼ି ରାସ୍ତାରୁ ଗ୍ରାମଆଡକୁ କଂକ୍ରିଟ ରାସ୍ତା ର୍ନିମାଣ ହୋଇଥିଲା। ତତସହିତ ପାନୀୟଜଳ ଗମନାଗମନ କ୍ଷେତ୍ରରେ ମଧ୍ୟ କିଛି କାର୍ଯ୍ୟ ହୋଇଥିଲା। ତେବେ ଗ୍ରାମ ଠାରୁ କେଇଶହ ମିଟର ରାସ୍ତା ଆଉ ବକେୟା ରହିଯାଇଥିଲା ଯେଉଁଥିପାଇଁ ଉକ୍ତ ବକେୟାରାସ୍ତାଟି ବର୍ଷାଦିନେ ଖାଲଖମଣା ହୋଇ ମାଟିକାଦୁଅରେ ପଚପଚ ହୋଇ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି ଏବଂ ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାସହ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କର ପାଠପାରେ ବ୍ୟାଘାତ ସୃଷ୍ଟି ହେଉଛି। ଦୀର୍ଘବର୍ଷ ଧରି ଗ୍ରାମବାସୀମାନେ ଅଭିଯୋଗ କରିଆସୁଥିଲେ ମଧ୍ୟ ଏବଂ ବହସମୟରେ ଗଣମାଧ୍ୟମରେ ଖବରପ୍ରକାଶ ପାଉଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ୍ଣ ହେଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବାସହ ତୁରନ୍ତ କର୍ତ୍ତୃପକ୍ଷ ରାସ୍ତାଟି ର୍ନିମାଣ କରିବାକୁ ଅଞ୍ଚଳବାସି ଦାବି କରିଛନ୍ତି।



## ବକ୍ସାଇଟ୍ ଖଣି ନାଲକୋକୁ ମିଳିବା ନେଇ ନାଲକୋ ଅଫିସର ସଂଘର ଦାବୀ

ଅନୁଗୋଳ,(ମହାଭାରତ) ଭାରତ ସରକାରଙ୍କ ଏକମାତ୍ର ଆଲୁମିନିୟମ୍ କାରଖାନାକୁ ବକ୍ସାଇଟ୍ ଖଣି ଆବ□ନ କ୍ଷେତ୍ରରେ ନାଲକୋକୁ ଅଗ୍ରାଧିକାର ଦେବା ଦାବୀରେ ନାଲକୋ ଅଫିସର ସଂଘ ସଭାପତି ବନମାଳୀ ସେଠୀ ଏବଂ ସାଧାରଣ ସଂପାଦକ ନଳିନୀକାନ୍ତ ପଣ୍ଡା ଭାରତ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଛତିଶଗଡ଼ର ଖଣିମନ୍ତ୍ରୀଙ୍କୁ ମଧ୍ୟ ଏ ଦିଗରେ ଅନୁରୋଧ ଜଣାଇଛନ୍ତି । ସୂଚନା ମୁତାବକ ଆଉ ମାତ୍ର ପନ୍ଦର ବର୍ଷ ପରେ ଉତ୍ତୋଳନ ବକ୍ସାଇଟ୍ ଖଣିର ଅବଧି ସରିଯିବ। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପ ସାକାର ଦିଗରେ ଯଦି ଛତିଶଗଡର ମୂର୍ତ୍ତା ଦଣ୍ଡ ବ୍ଲକ, କୁନିୟା ବକ୍ସାଇଟ ବ୍ଲକ ,ଦଣ୍ଡକେସ୍ରା ନର୍ଥ ବ୍ଲକ ଆଦି ଆବଣ୍ଟନ କ୍ଷେତ୍ରରେ ନାଲକୋକୁ ମିଳିପାରନ୍ତା ଏହା ରାଷ୍ଟ୍ରକୁ ସୁଦୃଢ଼ କରିବା ଦିଗରେ ଅନ୍ୟତ୍ର ସହାୟକ ହେବ ବୋଲି ସଂଘ ଜଣାଇବାସହଏହି ମର୍ମରେ ଭାରତ ସରକାରଙ୍କ ଖଣିମନ୍ତ୍ରୀ ଜୁଏଲ୍ ଓରାମ, ରେଳମନ୍ତ୍ରୀ ଆଶ୍ୱିନୀ ବୈଷ୍ଣବ ଏବଂ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଏହାର ସାକାର ଦିଗରେ ଆବଣ୍ଟନ କାର୍ଯ୍ୟକାରୀ ଦିଗରେ ପତ୍ର ମାଧ୍ୟମରେ ଦାବୀ ଜଣାଇଛନ୍ତି।

## ଉଦ୍‌ଘାଟନ ହେଲା ବିକାଶର ରଥ ଗାଁ ଗାଁ ବୁଲିବ ଗାଡ଼ି



ନାରାୟଣପାଟଣା (ମହାଭାରତ): ମୋହନ ମାଝି ଙ୍କ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି ନାରାୟଣପାଟଣା ବ୍ଲକ ରେ । ଏହି ଅବସରରେ ନାରାୟଣପାଟଣା ବ୍ଲକ ଏହି ସୁସଜ୍ଜିତ ବିକାଶ ବାହନକୁ ବ୍ଲକ ଅଧକ୍ଷ ଗୋଲଦି ତ୍ରିନାଥ,ବିଡ଼ିଓ ବିକ୍ରମ କୁମାର ଦୋରା, ତହସିଲଦାର ଦେବବ୍ରତ ମହାରଣା , ସିଡ଼ିପିଓ ଇନ୍ଦୁମତି ପାଣିଗ୍ରାହୀ ,ସହକାରୀ ଯନ୍ତ୍ରୀ ଶୁଶାନ୍ତ ମହାଲିକ ପ୍ରମୁଖ ଯୋଗଦେଇ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି ବିକାଶ ବାହନ ସରକାରଙ୍କ ବର୍ଷକର ଜନକଲ୍ୟାଣ ଲୋକାଭୀମୁଖୀ ଯୋଜନା ବିକାଶ କଥା ନେଇ ଗାଁରୁ ଗାଁକୁ ବୁଲିବ। ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିବ। ଆଜିଠୁ ଜୁନ୍ ୨୧ ଯାଏ ନାରାୟଣପାଟଣା ବ୍ଲକ୍ ର ନଅ ଗୋଟି ପଞ୍ଚାୟତ ର ସମସ୍ତ ଅଞ୍ଚଳ ଏହି ବାହନ ବୁଲିବ। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଆଜି ଆରମ୍ଭ ହୋଇଥିବା ବିକାଶ ବାହନ ସରକାରଙ୍କ ବିଭିଭ କାର୍ଯ୍ୟକ୍ରମ ସହିତ ଜନସାଧାରଣଙ୍କୁ ଯୋଡ଼ିବାର ଆଉ ଏକ ପ୍ରୟାସ ବୋଲି ।ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ କହିଛନ୍ତି ।ଏହାସହ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତା ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କୁ ଦିଆଯାଇଥିଲା ।ଏହି ପୁସ୍ତକ ସବୁ ଜନସାଧାରଣ ଙ୍କୁ ଦିଆଯିବ ।

## କୁହୁଡି ରଜ ମହୋତ୍ସବର ପ୍ରସ୍ତୁତି ବୈଠକ

ଟାଙ୍ଗୀ(ମହାଭାରତ): ଓଡ଼ିଆ ଜାତିର ଐତିହପରମ୍ପରାକୁ ଜୀବିତ କରିବା ପାଇଁ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଟାଙ୍ଗୀ ବ୍ଲକ ଅଧିନସ୍ଥ କୁହୁଡି ଗ୍ରାମପଞ୍ଚାୟତ ସମ୍ମୁଖରେ ଥିବା ରଜ ପଡିଆ ଠାରେ ମା ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ଅନୁଷ୍ଠାନ ତରଫରୁ ରଜ ମହୋତ୍ସ ପାଇଁ ବ୍ୟାପକ ପ୍ରସ୍ତୁତ କରାଯାଇଛି । ଜୁନ ୧୪ତାରିଖ ଶନିବାର ଠାରୁ ୧୮ତାରିଖ ବୁଧବାର ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ରାଜ୍ୟ ସ୍ତରୀୟ ନାଟକ ପ୍ରତିଯୋଗିତା ସହ ରାଜ୍ୟର ବିଭିଭ ପ୍ରାନ୍ତରୁ ସାଂସ୍କୃତିକ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛ। ଯଥା ଗୋଟିପୁଅ,ଛଉନୃତ୍ୟ,ସଙ୍ଗୀତ,ପାଲା ଆଦିବାସୀ ନୃତ୍ୟ,ସମ୍ବଲପୁରୀ,ଘୋଡ଼ା ନାଚ, ଓଡିଶୀ ଏବଂ ପାଇକ ଆଖେଡ଼ା ସମେତ ଅନେକ ନୃତ୍ୟ ପରିବେଷଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ମହୋତ୍ସବ ମାଧ୍ୟମରେ ସାମୁହିକ ଏକତା ଭାଇଚାରାସୃଷ୍ଟି କରାଯାଇପାରିବ।

# ଜିଲାରେ ଶୁଭାରମ୍ଭ ହେଲା ବିକାଶ ମେଳା

## ବିକାଶମୂଳକ ଯୋଜନାକୁ ଲୋକଙ୍କ ନିକଟକୁ ପହଂଚାଇବା ବିକାଶ ମେଳାର ଲକ୍ଷ୍ୟ



ରାୟଗଡ଼(ମହାଭାରତ): କେନ୍ଦ୍ରରେ ସରକାରଙ୍କ ୧୧ବର୍ଷ ପୂର୍ତି ଓ ଓଡିଶା ସରକାରର ୧ବର୍ଷ ପୂର୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାରେ ଗୁରୁବାର ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲାରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ପାରୁଲ ପଟାୱରୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ।ଏହି ବିକାଶ ବାହନ ଗୁରୁବାର ଠାରୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକରେ ଉଭୟ କେନ୍ଦ୍ର ସରକାର । ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ବିଷୟରେ ଲୋକଙ୍କୁ ସଚେତନତା କରିବା ସହିତ ଜନସାଧାରଣ ସମସ୍ତ ସରକାରୀ ଯୋଜନାର କିଭଳି ଲାଭ ପାଇପାରିବେ ସେନେଇ ସଚେତନତା କରିବ । ନାରୀ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାରେ ୧କୋଟିରୁ ଉର୍ଦ୍ଧ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ଆର୍ଥିକ ସହଯୋଗ, ୧୭ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା, ଯୁବବର୍ଗ, ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ, ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ, ସରକାରୀ ଚକିରି ସୀମା ୪୨ ବର୍ଷକୁ ବୃଦ୍ଧି, ରାଜ୍ୟରେ ସରକାର ଗଠନ ପରେ ପ୍ରଥମ ୧୦ ମାସରେ ୪୦,୨୬୬ ମୂଳ ପଦବୀ ପୂରଣ, ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡ଼ିୟମ ର୍ନିମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପାଇଁ ପ୍ରତିଶୃତି ଆଦି ଉପରେ ଏହି ବିକାଶ ରଥ ସଚେତନତା କରିବ ।ସେହିଭଳି କୃଷକଙ୍କ ପାଇଁ ରାଜ୍ୟ ସରକାର ଆସିବା ପରେ ଧାନ ମୂଲ୍ୟ ବୃଦ୍ଧି ସହିତ ଇନପୁଟ୍ ସହାୟତା, ଶୀତଳ ଭଣ୍ଡାର, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୧୯,୩୬୧.୬୯ କୋଟି ଟଙ୍କାର ଋଣ ପ୍ରଦାନ ଓ କାମଧେନୁ ଯୋଜନାରେ ରାଜ୍ୟରେ ୧୫ଲକ୍ଷରୁ ଅଧିକ ଦୁଗ୍ଧ ଚଷୀ ଉପକୃତ ହେବା ଆଦି ଉପରେ ଲୋକଙ୍କୁ ସଚେତନତା କରାଯିବ । ସେହିଭଳି ଶ୍ରମିକଙ୍କ ପାଇଁ କାମ ସବୁ ହାତକୁ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ବିକାଶକୁ ଲୋକଙ୍କ ନିକଟକୁ ପହଂଚାଇବ ଏହି ବିକାଶ ବାହନ । ଏହାପରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲାର ବିଭିଭ ବ୍ଲକରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ମାଣ୍ଡିଆ ପିଠା ସମେତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାରୁଲ ପଟାୱରୀ ଉଦଘାଟନ କରିଥିଲେ । ଏହି ୧୦ ଦିନିଆ ବିକାଶ ମେଳା ଅବସରରେ ସ୍ଥାନୀୟ ଜିସିଡ଼ି ପଡ଼ିଆ ଠାରେ ୧୦ଦିନିଆ ବିକାଶ ମେଳା କାର୍ଯ୍ୟକ୍ରମକୁ ସନ୍ଧ୍ୟା ୫ଟାରେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ଉଦଘାଟନ କରିଛନ୍ତି । ଏହା ଆସନ୍ତା ୧୦ ଦିନଯାଏଁ ଚାଲିବ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ତଥା ଯୁଗାନ୍ତକାରୀ ଯୋଜନା ବିଷୟରେ ଜିଲ୍ଲାପାଳ ପାରୁଲ ସୂଚନା ଦେଇଥିଲେ । ଚଷ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ର ସମେତ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିଭ ଯୋଜନାରେ ଜିଲ୍ଲାର ଜନସାଧାରଣ ଉପକୃତ ହୋଇଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିକାଶମୂଳକ କାର୍ଯ୍ୟ ଜାରି ରହିବ ବୋଲି ଜିଲ୍ଲାପାଳ ପାରୁଲ କହିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ଅନ୍ୟ କଳାକାରମାନଙ୍କ କଳା ଲୋକଙ୍କୁ ଆକୃଷ୍ଟ କରିଥିଲା । ଆଜିର ଏହି ମେଳକ୍ଷରେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ଏସ ସ୍ୱାତୀ କୁମାର, ଖଣ୍ଡିୟ ବନ ଅଧିକାରୀ ଶ୍ରୀ ସଚିନ ଆଉା ସାହେବ ଓହଲେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ, ସାମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ

ପାକିସ୍ତାନ : ବୁଧବାର ପାକିସ୍ତାନର ପେଶୱାରରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୪.୭ । ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ ହିନ୍ଦୁସ୍ଥଳରେ ପର୍ବତରେ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୨୧୧ କିଲୋମିଟର ଗଭୀରତାରେ ଥିବା ଜଣାପଡିଛି । ଭୂକମ୍ପ ହେବା ମାତ୍ରେ ଲୋକ ଭୟରେ ଘର ବାହାରୁ ଦୌଡିଥିଲେ । କିନ୍ତୁ ଏହି ଭୂକମ୍ପରେ କାହାର କ୍ଷୟକ୍ଷତି ହୋଇଥିବା ଏପର୍ଯ୍ୟନ୍ତ ସୂଚନା ନାହିଁ ।

ଇସଲାମାବାଦ ଏବଂ ଖାଇବର ପଖତୁନଖ୍ୱାର ମର୍ଦାନ, ସ୍ୱାତ, ନୌଶେରା, ସ୍ୱାବି ଏବଂ ଉତ୍ତର ୱାଜିରିସ୍ତାନର କିଛି ସ୍ଥାନରେ ୫.୩ ତୀବ୍ରତାର ଭୂମିକମ୍ପ ଆସିବାର ପ୍ରାୟ ଏକ ମାସ ପରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି । ଏକ ରିପୋର୍ଟ ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ହିନ୍ଦୁକୁଶ ଅଞ୍ଚଳରେ ୨୩୦ କିଲୋମିଟର ଗଭୀରତାରେ ଥିଲା । ଏହା ବ୍ୟତୀତ ଗତକାଲି ତାଇୱାନରେ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ୫.୯ ରହିଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୩୧ କିମି ଗଭୀରରେ ରହିଥିଲା ।

## ମାଡ଼ିଆସୁଛି ଭୟଙ୍କର ବିପର୍ଯ୍ୟୟ

ଚେନ୍ନାଇ,୧୨।୬: ଓରଫିସ ପରି ରହସ୍ୟମୟ ମାଛ ଆମକୁ ମନେ ପକାଇ ଦିଏ ଯେ ପ୍ରାକୃତିକ ଜଗତ ଏବେ ବି ଅନେକ ରହସ୍ୟରେ ପରିପୂର୍ଣ୍ଣ। ଓରଫିସ, ଯାହାର ବୈଜ୍ଞାନିକ ନାମ ରେଗାଲେକସ ଗ୍ଲେସ୍ନେ(ଜରଶବକ୍ଷରମଙ୍କଗ୍ବ ଶକ୍ଷରଗ୍ବଭର), ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ବୋନଫିସ୍ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ମାଛ ପ୍ରାୟତଃ ୨୦୦ ରୁ ୧,୦୦୦ ମିଟର ଗଭୀରତାରେ ରହିଥାଏ ଏବଂ ୩୦ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇପାରେ। ଓରଫିସର ଶରୀର ଚମକଦାର ରୂପା ଏବଂ ରିବନ ପରି । ଏହାର ମୁଣ୍ଡ ଉପରେ ଏକ ଲାଲ ରଙ୍ଗର ଆସ୍ତରଣ ଥାଏ। ଏହାର ସମୁଦ୍ର ତଟକୁକୁ ଆସିବାକୁ ଏକ ଅତ୍ୟନ୍ତ ବିରଳ ଘଟଣା ବୋଲି ବିବେଚନା କରାଯାଏ। ତାମିଲନାଡୁର ଉପକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀମାନେ ଏକ ବିଶାଳ ଓରଫିସ ଧରିଥିଲେ, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଏବଂ କୌତୁହଳ ସୃଷ୍ଟି କରିଥିଲା। ଏହାକୁ ଏକ ବିପର୍ଯ୍ୟୟକାରୀ ମାଛ ବୋଲି କୁହାଯାଇଥିଲା। ଓରଫିସର ଇତିହାସ ଅନେକ ପ୍ରାକୃତିକ ବିପର୍ଯ୍ୟୟ ସହିତ ଜଡିତ। ଏହାର ଆର୍ବିଭାବକୁ ଅନେକ ଥର ଭୂମିକମ୍ପ କିମ୍ବା ସୁନାମିର ପୂର୍ବନୁମାନ ଭାବରେ ଦେଖାଯାଇଛି। ଜାପାନର ଫୁକୁସିମାରେ ୨୦୧୧ ଭୂମିକମ୍ପ ଏବଂ ସୁନାମି ପୂର୍ବରୁ କୂଳରେ ଅନେକ ଓରଫିସ ଦେଖାଯାଇଥିଲା। ମେକ୍ସିକୋରେ ଏକ ବଡ଼ ଭୂମିକମ୍ପ ପୂର୍ବରୁ ଓରଫିସ ସମୁଦ୍ରରେ ପହଁରୁଥିବାର ଦେଖାଯାଇଥିଲା। ୨୦୨୦ ମସିହାରେ ଫିଲିପାଇନ୍ସରେ ଦୁଇଟି ଓରଫିସ ଦେଖାଯାଇଥିଲା ଏବଂ କିଛି ଦିନ ପରେ ଏକ ଭୂମିକମ୍ପ ହୋଇଥିଲା। ଜାପାନୀ ପରମ୍ପରାରେ, ଓରଫିସକୁ 'ରୟୁଗୁ ନୋ ସାକାନା' ଅର୍ଥାତ୍ ? 'ସମୁଦ୍ର ଦେବତାର ଦୂତ' ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ, ଯେତେବେଳେ ଏହି ମାଛ ସମୁଦ୍ର ତଟକୁ ଆସେ, ଏହା ଭୂକମ୍ପୀୟ କାର୍ଯ୍ୟକଳାପକୁ ସୂଚିତ କରେ। ବିଜ୍ଞାନ ଏହି ଧାରଣାକୁ ଭିତ୍ତିହୀନ ବୋଲି ବିବେଚନା କରେ ଯେ. ଓରଫିସ ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ କରିପାରିବ। ସାମୁଦ୍ରିକ ଜୀବବିଜ୍ଞାନୀଙ୍କ ଅନୁସାରେ, ପାଣିର ତାପମାତ୍ରାରେ ପରିବର୍ତ୍ତନ ଯୋଗୁ ଓରଫିସ ସମୁଦ୍ର ତଟକୁ ଆସେ।

## ବିହାରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ବିହାର : ବିହାରର ପାଟନାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ସର୍ପିଓ ଗାଡି ଚଢି ଯିବାରୁ ଜଣେ ମହିଳା କନେଷ୍ଟବଳଙ୍କର ମୃତ୍ୟୁ ଘଟିଥିବାବେଳେ ୨ ଇନସ୍ପେକ୍ଟର ଆହତ ହୋଇଛନ୍ତି । ଏପରି ଅଘଟଣ କାଲି ବିଳମ୍ବିତ ରାତିରେ ଘଟିଥିବା ସୂଚନା ମିଳୁଛି । ସର୍ପିଓ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସୂଚନାନୁଯାୟୀ, ପାଟନାର ଏସକେ ପୁରୀ ଥାନା ଅନ୍ତର୍ଗତ ଅଟଳ ପଥରେ ପାଟନା ପୋଲିସେ ସମସ୍ତ ଗାଡ଼ି ଯାଞ୍ଚ କରୁଥିବା ସମୟରେ ଏକ କଳା ସ୍କୋର୍ପିଓ ତିନି ଜଣ ପୋଲିସ କର୍ମଚାରୀଙ୍କ ଉପରେ ଚଢ଼ିଯାଇଥିଲା । ଫଳସ୍ୱରୂପ, ତିନି ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଥିଲେ । ତିନି ଜଣ ପୋଲିସ କର୍ମଚାରୀଙ୍କ ଚିକିତ୍ସା ପାଇଁ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳା କନେଷ୍ଟବଳ କୋମଲଙ୍କ ମୃତ୍ୟୁ ଘଟିଥିଲା ।

# ମୋଦି ଯିବା ପୂର୍ବରୁ ସତର୍କ ହୋଇଗଲେ କାନାଡା ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ୭ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ କାନାଡା ଯାଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ପୂର୍ବରୁ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସରକାର ଖଲିସ୍ତାନମାନଙ୍କ ବିରୋଧରେ ଏକ ଅଭିଯାନ ଚଳାଇଛନ୍ତି। ଭାରତ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଖଲିସ୍ତାନମାନଙ୍କୁ ଧରିବା ପାଇଁ ସରକାର ପ୍ରୋଜେକ୍ଟ ପେଲିକାନ ନାମକ ଏକ ଅଭିଯାନ ଚଳାଇଛନ୍ତି। ଏହି ଅଭିଯାନ ଅନ୍ତର୍ଗତ, କାନାଡା ପୋଲିସ ଏକ ବଡ଼ ଡ୍ରଗ୍ସ ଏବଂ ଆତଙ୍କବାଦୀ ନେଟୱାର୍କର ପର୍ଦ୍ଦାଫାଶ କରିଛି, ଯାହାର ଖଲିସ୍ତାନ ସମର୍ଥକମାନଙ୍କ ସହିତ ସନ୍ଦେହଜନକ ସମ୍ପର୍କ ଅଛି। ପୋଲିସ କାନାଡାରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଡ୍ରଗ୍ସ ଜବତ କରିଛି, ଯେଉଁଥିରେ ୪୭୯ କିଲୋ କୋକେନ ଅନ୍ତର୍ଭୁକ୍ତ। ଏହାର ମୂଲ୍ୟ ୪୭.୯ ନିୟୁତ ଡଲାର। କାନାଡାରେ ରହୁଥିବା ୭ ଜଣ ଭାରତୀୟ ବଂଶୋଦ୍ଭବଙ୍କ ସମେତ ୯ ଜଣଙ୍କୁ ଗିରଫ କରାଯାଇଛି। ପୋଲିସ ଅନୁଯାୟୀ, ଏହି ଗୋଷ୍ଠୀ ଆମେରିକା ଏବଂ କାନାଡା ମଧ୍ୟରେ ବାଣିଜ୍ୟିକ ଟ୍ରକିଂ ରୁଟ ବ୍ୟବହାର କରୁଥିଲା। ଏହାର ମେକ୍ସିକାନ ଡ୍ରଗ କାର୍ଟେଲ ଏବଂ ଆମେରିକୀୟ ବିତରକଙ୍କ ସହ ସମ୍ପର୍କ ଥିଲା। କୁହାଯାଇଥିଲା ଯେ ଡ୍ରଗ୍ସ ବ୍ୟବସାୟରୁ ପ୍ରାପ୍ତ ଟଙ୍କାକୁ ବିରୋଧ ପ୍ରଦର୍ଶନ, ଜନମତ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ ଭଳି ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଛି। ଗୋଇନ୍ଦା ସଂସ୍ଥାଗୁଡ଼ିକ ସନ୍ଦେହ କରୁଛନ୍ତି ଯେ ପାକିସ୍ତାନର ଓଝଓ ଏହି ନେଟୱାର୍କକୁ ସମର୍ଥନ କରୁଛି, ଯାହା କାନାଡାରେ ଖଲିସ୍ତାନ ଗୋଷ୍ଠୀଗୁଡ଼ିକୁ ମେକ୍ସିକାନ କୋକେନ ଏବଂ ଆଫଗାନ ହେରୋଇନ ଚୋରା ଚାଲାଣ ପାଇଁ ବ୍ୟବହାର କରୁଛି। ଏହି କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି,ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମାସ ଶେଷରେ କାନାଡାର କାନାନାସ୍କିସ୍ ?ରେ ଏ୭ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣ ପରେ ତାଙ୍କର ଏହି ଗସ୍ତ ହେଉଛି। ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି କାର୍ନିଙ୍କୁ ତାଙ୍କ ସାମ୍ପ୍ରତିକ ନିର୍ବାଚନ ବିଜୟ ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଛନ୍ତି, ଭାରତ ଏବଂ କାନାଡା, ଦୃଢ଼ ସମ୍ପର୍କ ସହିତ ସ୍ପନ୍ଦନଶୀଳ ଗଣତନ୍ତ୍ର ଭାବରେ, ନୂତନ ଶକ୍ତି ଏବଂ ସମାନ ଲକ୍ଷ୍ୟ ସହିତ ଏକାଠି କାମ କରିବେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି,ସେ ସମ୍ମିଳନୀରେ କାର୍ନିଙ୍କୁ ଭେଟିବାକୁ ଅପେକ୍ଷା କରିଛନ୍ତି। ଏ୭ ସମ୍ମିଳନୀ ବ୍ୟତୀତ, ପ୍ରଧାନମନ୍ତ୍ରୀ ମୋଦି ଏବଂ କାର୍ନି ମଧ୍ୟ ସାକ୍ଷାତ କରିବେ। ସେମାନଙ୍କ ବୈଠକରେ ଖଲିସ୍ତାନ ପ୍ରସଙ୍ଗ ଉଠାଇହେବ। ଭାରତ ଖଲିସ୍ତାନବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ୍ୱରାନ୍ୱିତ କରିବାକୁ ଦାବି କରିପାରିବ। ଜଷ୍ଟିସ ଟ୍ରୁଡୋଙ୍କ କାର୍ଯ୍ୟକାଳ ସମୟରେ, କାନାଡାରେ ଖଲିସ୍ତାନବାଦୀମାନଙ୍କର ମନୋବଳ ଉଚ୍ଚ ଥିଲା। ଟ୍ରୁଡୋଙ୍କ ନୀତି ଯୋଗୁ ଭାରତ ଏବଂ କାନାଡା ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ପ୍ରଧାନମନ୍ତ୍ରୀ ଭାବରେ, ଟ୍ରୁଡୋ ଖାଲିସ୍ତାନ ସମର୍ଥକ ନିଜର ପାଇଁ ସ୍ୱର ଉଠାଇଥିଲେ ଏବଂ କୌଣସି ପ୍ରମାଣ ବିନା ଭାରତକୁ ଅଭିଯୁକ୍ତ କରିଥିଲେ। ଭାରତ ସହିତ ଖେଳାଯିବା ଟ୍ରୁଡୋଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା ଏବଂ ସେ କ୍ଷମତା ହରାଇଲେ।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଟାଟା ଗ୍ରୁପ୍‌ର ଶେୟାର ଧରାଶାୟୀ




ଗୁଜରାଟ : ଗୁରୁବାର ଗୁଜୁରାଟର ଅହମ୍ମଦାବାଦରେ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଛି। ୨୪୨ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣା ଅହମ୍ମଦାବାଦର ମେଘାନୀ ଅଞ୍ଚଳରେ ଘଟିଛି। ବିମାନ ଦୁର୍ଘଟଣା ନେଇ ଖବର ଆସିବା ପରେ ଶେୟାର ବଜାର ପ୍ରଭାବିତ ହୋଇଛି। ବିଶେଷକରି ଟାଟା ଗ୍ରୁପର ସମସ୍ତ ଶେୟାର ଗୋଟିଏ ପରେ ଗୋଟିଏ ହ୍ରାସ ପାଇଛି। କହି ରଖୁଛୁ ଯେ, ଏୟାର ଇଣ୍ଡିଆ ଏୟାରଲାଇନ୍ସ କମ୍ପାନୀ ଟାଟା ଗ୍ରୁପର ମାଲିକାନାରେ ଚାଲିଛି। ଏଥିଯୋଗୁ ଟାଟା ଗ୍ରୁପ କମ୍ପାନୀଗୁଡ଼ିକର ଶେୟାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ଏୟାରଲାଇନ୍ସ ସହିତ ଜଡିତ ଏହି ବଡ଼ ଦୁର୍ଘଟଣା କେବଳ ବିମାନ ଚଳାଚଳ କ୍ଷେତ୍ରକୁ ନୁହେଁ, ବରଂ ମାର୍କେଟରେ ଥିବା ଟାଟା ଗ୍ରୁପର ପ୍ରତିଛବିକୁ ମଳିନ କରିଛି।

ଟାଟା ଗ୍ରୁପର ଏହି ଷ୍ଟକଗୁଡିକରେ ଏକ ବଡ଼ ହ୍ରାସ ଘଟିଛି:

ଝଉଝ: ୧% ରୁ ଅଧିକ ହ୍ରାସ, ଟାଟା ଷ୍ଟିଲ: ସେୟାର ୩% ହ୍ରାସ ପାଇଛି, ଟାଟା ପାୱାର: ୨.୫% ହ୍ରାସ, ଟାଟା ଏଲକ୍ସସି: ୨% ରୁ ଅଧିକ କ୍ଷତି, ଟାଟା କମ୍ୟୁନିକେସନ୍ସ: ୧% ରୁ ଅଧିକ ହ୍ରାସ, ଟାଟା ମୋଟର୍ସ: ୩% ରୁ ଅଧିକ ହ୍ରାସ, ଟାଟା କେମିକାଲ୍ସ: ୩% ହ୍ରାସ, ଟାଟା ଉପଭୋକ୍ତା: ୨% ରୁ ଅଧିକ ହ୍ରାସ, ଟାଟା ଇନଭେଷ୍ଟମେଣ୍ଟ କର୍ପୋରେଶନ: ପ୍ରାୟ ୪% ହ୍ରାସ, ଇଣ୍ଡିଆନ ହୋଟେଲ: ୨% ରୁ ଅଧିକ, ଟାଟା ମୋଟର୍ସ, ଟାଟା କେମିକାଲ୍ସ, ଟାଟା କଞ୍ଜ୍ୟୁମର, ଟାଟା ଇନଭେଷ୍ଟମେଣ୍ଟ ଏବଂ ଟାଟା ଷ୍ଟିଲର ଶେୟାରରେ ସବୁଠାରୁ ବଡ଼ ହ୍ରାସ ଦେଖାଯାଉଛି। ବିଶେଷଜ୍ଞଙ୍କ ମତରେ ଏପରି ଘଟଣା ନିବେଶକଙ୍କ ମନରେ ଭୟ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ, ଯାହା ଗ୍ରୁପ୍ ? ସହ ଜଡ଼ିତ ସମସ୍ତ କମ୍ପାନୀର ଶେୟାର ଉପରେ ଚାପ ପକାଇଥାଏ। ଏୟାର ଇଣ୍ଡିଆ ସହିତ ଟାଟାର ନାମ ଜଡିତ ହେବା ଯୋଗୁ ବଜାର ପ୍ରଭାବିତ ହୋଇଛି।

ସେନସେକ୍ସ ନିଫ୍ଟିର ଅବସ୍ଥା: ଭାରତୀୟ ଷ୍ଟକ ବଜାରରେ ଗୁରୁବାର, ଜୁନ ୧୨ ତାରିଖରେ ଏକ ବଡ଼ ହ୍ରାସ ପରିଲକ୍ଷିତ ହେଉଛି। ସେନସେକ୍ସ ପ୍ରାୟ ୧୦୦୦ ପଏଣ୍ଟ ହ୍ରାସ ପାଇଥିଲା, ଯେତେବେଳେ ନିଫ୍ଟି ୨୪,୮୫୦ ତଳକୁ ଖସିଥିଲା। ଅପରାହ୍ନ ପ୍ରାୟ ୨.୧୫ ଟାରେ ସେନସେକ୍ସ ୮୧,୫୩୧.୯୩ ରେ କାରବାର କରୁଥିଲା, ଯାହା ପ୍ରାୟ ୯୮୩.୨୧ ପଏଣ୍ଟ ହ୍ରାସ ପାଇଥିଲା। ସେହି ସମୟରେ, ନିଫ୍ଟି ୩୦୧.୧୫ ପଏଣ୍ଟ ହ୍ରାସ ପାଇ ୨୪,୮୪୦.୨୫ ରେ ପହଞ୍ଚିଥିଲା। ନିଫ୍ଟିରେ ଇନଫୋସିସ, ଇଟର୍ନାଲ, ଟେକ ମହିନ୍ଦ୍ରା ଏବଂ ଟାଟା ମୋଟର୍ସର ସେୟାର ସର୍ବାଧିକ ହ୍ରାସ ପାଇଥିଲା। ସୂଚନାଯୋଗ୍ୟ, ଅହମ୍ମଦାବାଦରେ ଉଡ଼ାଣ ସମୟରେ ବିମାନ ଦୁର୍ଘଟଣା ଘଟିଥିଲା। କୁହାଯାଉଛି ଯେ ବିମାନର ପଛ ଭାଗ ଏକ ଗଛରେ ପିଟି ହୋଇଯାଇଥିଲା। ବିମାନଟି ଅହମ୍ମଦାବାଦରୁ ଲଣ୍ଡନ ଯାଉଥିଲା। ନ୍ୟୁଜ ଏଜେନ୍ସି ଇଘଓ ଅନୁଯାୟୀ, ବିମାନରେ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀ ଥିଲେ। ଏହି ଘଟଣାରେ ଜୀବନ ଏବଂ ସମ୍ପତ୍ତି କ୍ଷତି ବିଷୟରେ କୌଣସି ସୂଚନା ନାହିଁ। ତଥାପି, କିଛି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କୁହାଯାଉଛି।

## ଗୁଜରାଟରେ ବଡ଼ଧରଣର ବିମାନ ଦୁର୍ଘଟଣା, ଜାରି ରହିଛି ଅପଡେଟ...

ଗୁଜୁରାଟ : ଗୁଜରାଟରେ ବଡ଼ଧରଣର ବିମାନ ଦୁର୍ଘଟଣା । ଏୟାର ଇଣ୍ଡିଆର ବିମାନ କ୍ରାସ । ଅହମ୍ମଦାବାଦର ମେଘାନୀ ନଗରରେ ଏୟାରଇଣ୍ଡିଆର ବିମାନ ଦୁର୍ଘଟଣାଗ୍ରସ୍ତ । ପ୍ଲେନକ୍ରାସ ପରେ ଆକାଶ ଧୂଆଁମୟ । ଟେକଅଫ ସମୟରେ କ୍ରାସ ହୋଇଥିବା ସୂଚନା । ଏୟାରଇଣ୍ଡିଆର ଇଓ- ୧୭୧ ଦୁର୍ଘଟଣାଗ୍ରସ୍ତ ହୋଇଛି । ଅପରାହ୍ ଣ ୧.୧୭ରେ ଉଡ଼ାଣ ଭରିଥିଲା ବିମାନ । ପ୍ଲେନରେ ମୋଟ ୨୪୨ ଜଣ ଯାତ୍ରୀ ଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ୨ ଜଣ ପାଇଲଟ ଏବଂ ୧୦ ଜଣ କ୍ରୀଉ ମେମ୍ବର ଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ତର୍ଜାତୀୟ ଏୟାରପୋର୍ଟ ନିକଟରେ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନଟି ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିଲା । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୭ଟି ଦମକଳ ବାହିନୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏନଡିଆରଏଫ, ବିଏସଏଫ ମଧ୍ୟ ସାମିଲ ହୋଇଛି । ବିମାନ ଦୁର୍ଘଟଣା ପରେ ପ୍ରଚଣ୍ଡ ଶବ୍ଦ ଶୁଭିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଘନ ଜନବସତି ଅଞ୍ଚଳରେ ବିମାନ ଦୁର୍ଘଟଣା ଘଟିଛି । ଆହତଙ୍କୁ ନିକଟସ୍ଥ ହସପିଟାଲରେ ଭର୍ତ୍ତି କରାଯାଉଛି ।



## ଭାରତୀୟ ନୌସେନାକୁ ସଲାମ କଲା ଚାଇନା

ନୂଆଦିଲ୍ଲୀ : କେରଳ ଉପକୂଳରେ ସିଙ୍ଗାପୁର ପତାକା ଥିବା ଜାହାଜରେ ନିଆଁ ଲାଗିଯାଇଥିଲା। ଭାରତୀୟ ନୌସେନା ସଫଳତାର ସହ ଏହାର କର୍ମଚାରୀଙ୍କୁ ଉଦ୍ଧାର କରିବାର ଗୋଟିଏ ଦିନ ପରେ ଚାଇନା ଭାରତ ପ୍ରତି କୃତଜ୍ଞତା ପ୍ରକାଶ କରିଛି। ଚାଇନା ଦୂତାବାସର ମୁଖପାତ୍ର ୟୁ ଜିଙ୍ଗ ଏକ୍ସରେ ଲେଖିଛନ୍ତି ଯେ ଜାହାଜରେ ଥିବା ୨୨ ଜଣଙ୍କ ମଧ୍ୟରୁ ୧୪ ଜଣ ଚାଇନା ନାଗରିକ ଥିଲେ। ଜାହାଜରୁ ନାଗରିକମାନଙ୍କୁ ଉଦ୍ଧାର କରିବା ପାଇଁ ସେ ଭାରତୀୟ ନୌସେନା ଏବଂ ମୁମ୍ବାଇ ତଟରକ୍ଷୀ ବାହିନୀକୁ ଧନ୍ୟବାଦ ଦେଇଛନ୍ତି।

## ହନିମୁନ ମର୍ଡରରେ ବଡ଼ ଟ୍ୱିଷ୍ଟ, ରାଜ କୁଶୱାଲ କେବଳ ମୋହରା



ଇନ୍ଦୋର : ମେଘାଳୟର ଇନ୍ଦୋରରେ ରାଜା ରଘୁବଂଶୀ ହତ୍ୟା ମାମଲାରେ ପ୍ରତିଦିନ ନୂଆ ନୂଆ ଖୁଲାସା ହେଉଛି। ତାଙ୍କ ପତ୍ନୀ ସୋନମ ସମେତ ରାଜାଙ୍କୁ ହତ୍ୟା କରିଥିବା ସମସ୍ତ ଅଭିଯୁକ୍ତ ପୋଲିସ ହେପାଜତରେ ଅଛନ୍ତି। କିନ୍ତୁ ଏହି ହତ୍ୟା ମାମଲା ପୁଣି ଏକ ନୂଆ ମୋଡ଼ ନେଇଛି। ଏପର୍ଯ୍ୟନ୍ତ ତଦନ୍ତରେ ଏହା ସ୍ପଷ୍ଟ ହୋଇଛି ଯେ ସୋନମ ରଘୁବଂଶୀ ରାଜ କୁଶୱାହ ଏବଂ ତିନି ଅଭିଯୁକ୍ତଙ୍କ ସହିତ ରାଜାଙ୍କୁ ହତ୍ୟା କରିଥିଲେ। ତାହା ମଧ୍ୟ କେବଳ ଏଥିପାଇଁ ଯେ ସେ ବିଧବା ହେବା ପରେ ରାଜଙ୍କୁ ବିବାହ କରିପାରିବେ। କିନ୍ତୁ ଏବେ ପୋଲିସ ତୃତୀୟ ବ୍ୟକ୍ତିଙ୍କୁ ସନ୍ଦେହ କରିବା ଆରମ୍ଭ କରିଛି। ଯଦି ପୋଲିସ ସୂତ୍ରକୁ ବିଶ୍ୱାସ କରାଯାଏ, ରାଜ କୁଶୱାହ କେବଳ ଏକ ମୋହରା ଥିଲେ। ରାଜାଙ୍କୁ ହତ୍ୟା କରିବା ପାଇଁ ସୋନମ ତାଙ୍କୁ ବ୍ୟବହାର କରିଥିଲେ। ଗୋଟିଏ ପଟେ ସୋନମ ରାଜଙ୍କୁ ହତ୍ୟାର ମାଷ୍ଟରମାଇଣ୍ଡ ବୋଲି କହୁଥିବା ବେଳେ ଅନ୍ୟପଟେ ରାଜ ସୋନମଙ୍କୁ ଏହି ହତ୍ୟାର ମାଷ୍ଟରମାଇଣ୍ଡ ବୋଲି କହୁଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ସୋନମ ଏହି ସମ୍ପୂର୍ଣ୍ଣ ମାମଲାର ପ୍ରକୃତ ମାଷ୍ଟରମାଇଣ୍ଡ। ବିଶ୍ୱାସ କରାଯାଉଛି ଯେ ରାଜଙ୍କୁ ଏକ ମୋହରା ଭାବରେ ବ୍ୟବହାର କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ପଚରାଉଚରା ଉପରେ ନଜର ରଖୁଥିବା ବରିଷ୍ଠ ଅଧିକାରୀମାନେ କହିଛନ୍ତି, ଏହା ମନେ ହେଉଛି ଯେ ସୋନମ ସମସ୍ତଙ୍କୁ ଠକିବା ଏବଂ ରାଜାଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରିଥିଲେ। ସେ ରାଜଙ୍କୁ ପ୍ରେମର ପ୍ରତିଶ୍ରୁତି ଦେଇଥିଲେ ଏବଂ ଅନ୍ୟମାନଙ୍କୁ ଟଙ୍କା ଦେଇ ପ୍ରଲୋଭିତ କରିଥିଲେ। ଏପର୍ଯ୍ୟନ୍ତ ବିଶ୍ୱାସ କରାଯାଉଥିଲା ଯେ ରାଜ ଏହି ପୂରା ମାମଲାର ପ୍ରକୃତ ଷଡ଼ଯନ୍ତ୍ରକାରୀ। ତାଙ୍କୁ ସୋନମଙ୍କ ପ୍ରେମିକ ଭାବରେ ବର୍ଣ୍ଣନା କରାଯାଉଥିଲା। ରିପୋର୍ଟରେ କୁହାଯାଇଛି ଯେ ଏହି ମାମଲାରେ ଆହୁରି ବଡ଼ ବଡ଼ ଟ୍ୱିଷ୍ଟ ଆସିପାରେ। ପୋଲିସ ସନ୍ଦେହ କରୁଛି ଯେ ସୋନମ ତୃତୀୟ ବ୍ୟକ୍ତିଙ୍କ ସହିତ ପଳାଇବାକୁ ଚେଷ୍ଟା କରୁଥିଲେ। ରାଜ ଏହି ବଡ଼ ଖେଳ ବିଷୟରେ ଅଜ୍ଞ ଥିଲେ ଏବଂ ତେଣୁ ସେ ସୋନମ ରଘୁବଂଶୀଙ୍କୁ ସାହାଯ୍ୟ କରି ଚାଲିଥିଲେ। ବର୍ତ୍ତମାନ ଏହି ତୃତୀୟ ବ୍ୟକ୍ତି କିଏ ତାହା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ସେହି ସମୟରେ, ସୋନମଙ୍କ ପରିବାର ଏବଂ ପ୍ଲାଏଉଡ କମ୍ପାନୀରେ କାମ କରୁଥିବା ଲୋକମାନେ ବାରମ୍ବାର ଦୋହରାଉଛନ୍ତି ଯେ ସୋନମ ଏବଂ ରାଜଙ୍କ ମଧ୍ୟରେ କୌଣସି ପ୍ରେମ ସମ୍ପର୍କ ନଥିଲା। ସୋନମଙ୍କ ଭାଇ ଗୋବିନ୍ଦ ମଧ୍ୟ କହିଛନ୍ତି- ରାଜ ସୋନମଙ୍କୁ ଦିଦି ବୋଲି ଡାକୁଥିଲେ ଏବଂ ସୋନମ ତାଙ୍କୁ ତିନି ବର୍ଷ ଧରି ରାଖୀ ବାନ୍ଧୁଥିଲେ। ଏପରି ପରିସ୍ଥିତିରେ, ଏବେ ପ୍ରଶ୍ନ ଉଠୁଛି ଯେ ଯଦି ସୋନମ ଏବଂ ରାଜଙ୍କ ମଧ୍ୟରେ ପ୍ରକୃତରେ ଏପରି କୌଣସି ସମ୍ପର୍କ ନଥିଲା, ତେବେ ସେ ତାଙ୍କ ସ୍ୱାମୀଙ୍କୁ କାହା ପାଇଁ ହତ୍ୟା କରିଥିଲେ? ଶିଲଂ ପୋଲିସ ଏବେ ସୋନମ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ କ୍ରାଇମସ୍ପଟକୁ ନେଇଯିବ। ତା'ପରେ ସେମାନେ କ୍ରାଇମ ସିନ୍ ?କୁ ରିକ୍ରିଏଟ କରିବେ ଏବଂ ପ୍ରମାଣ ସଂଗ୍ରହ କରିବେ। ଏହା ପରେ ଅଭିଯୁକ୍ତଙ୍କୁ ଇନ୍ଦୋର ଆଣିବାକୁ ମଧ୍ୟ ଯୋଜନା ରହିଛି। ରାଜାଙ୍କ ହତ୍ୟା ପରେ ସୋନମ ଇନ୍ଦୋରରେ କେଉଁଠି ରହିଥିଲେ ଏବଂ ସେ କାହାକୁ ଭେଟିଥିଲେ ତାହା ତଦନ୍ତ କରିବା ପରେ ନୂତନ ଦିଗ ସାମ୍ନାକୁ ଆସିପାରେ। ବର୍ତ୍ତମାନ ସମସ୍ତ ଅଭିଯୁକ୍ତଙ୍କୁ ପଚରାଉଚରା ଚାଲିଛି। କୁହାଯାଉଛି ଯେ ଯେତେବେଳେ ସୋନମଙ୍କୁ ଜେଲରେ ରାଜଙ୍କ ସହ ଭିଡିଓ କଲ ମାଧ୍ୟମରେ କଥା ହେବାକୁ କୁହାଯାଇଥିଲା, ସେ କାନ୍ଦିବାକୁ ଲାଗିଲେ। ସେ ରାଜକୁ ଚାହିଁ ରହିଥିଲେ। ତା'ପରେ ସେ ନିଜ ଅପରାଧ ସ୍ୱୀକାର କରିଥିଲେ।

## କର୍ଣ୍ଣାଟକରେ ସକ୍ରିୟ ହେଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ



ବେଙ୍ଗାଲୁରୁ : ପ୍ରାୟ ଦୁଇ ସପ୍ତାହ ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପୁଣି ସକ୍ରିୟ ହୋଇଛି । ଆଜି ଭୋର ସମୟରେ କର୍ଣ୍ଣାଟକର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଏନେଇ ଭାରତୀୟ ପାଣିପାଗ ବିଭାଗ (ଓଗଡ) କର୍ଣ୍ଣାଟକ ପାଇଁ ସାତ ଦିନର ସତର୍କତା ଜାରି କରିଛନ୍ତି । ଜୁନ୍ ୧୭ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । କର୍ଣ୍ଣାଟକର ଧାରୱାଡ ଜିଲ୍ଲାର ହୁବଳି ଅଞ୍ଚଳରେ ଆଜି ସକାଳେ ମୁଷଳଧାରାରେ ବର୍ଷା ହୋଇଥିଲା । ଯାହା ଫଳରେ ହନାଶି ଗ୍ରାମରେ ବ୍ୟାପକ ଜଳବନ୍ଦୀ ସୃଷ୍ଟି କରିଥିଲା । ଜୁନ୍ ୧୭ ପର୍ଯ୍ୟନ୍ତ ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକରେ ବର୍ଷା ହେବ ବୋଲି ପାଣି ପାଗ ବିଭାଗ ସୂଚନା ଦେଇଛି । ଏହି ସମୟରେ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକର ଜିଲ୍ଲାଗୁଡ଼ିକରେ ଜୁନ୍ ୧୪ ପର୍ଯ୍ୟନ୍ତ ବର୍ଷା ହେବ ଏବଂ ପରବର୍ତ୍ତୀ ତିନି ଦିନ ପାଇଁ ହେବ । ଓଗଡ ପୂର୍ବାନୁମାନ କରିଛି ଯେ "ପ୍ରତି ଘଣ୍ଟା ୩୦ ରୁ ଚାରି ୪୦ କିଲୋମିଟର ବେଗରେ ପବନ ବହିବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଯାହା କିଛି ସ୍ଥାନରେ ହୋଇପାରେ ଏବଂ ଦକ୍ଷିଣ କନ୍ନଡ, ଉତ୍ତର କନ୍ନଡ ଏବଂ ଉଡୁପି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକରେ କିଛି ସ୍ଥାନରେ ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ବେଲାଗାଭି, ଧାରୱାଡ ଏବଂ ଗଡଗ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ନିରନ୍ତର ପବନ ବହିବା ସହିତ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । କୋପ୍ପାଲ, ହାଭେରୀ, ବାଗାଲକୋଟ, ବିଜୟପୁରା, କଲବୁର୍ଗୀ ଏବଂ ରାଇଚୁର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୪୦-୫୦ କିଲୋମିଟର ବେଗରେ ପବନ ବହିବା ସହିତ ପ୍ରବଳ ବର୍ଷା ହୋଇପାରେ । ବଲ୍ଲାରୀ, ବେଙ୍ଗାଲୁରୁ , ଚିକ୍କାବଲ୍ଲାପୁରା, ମାଣ୍ଡ୍ୟା, ରାମନଗର, ତୁମାକୁରୁ, ମୈସୁରୁ, ଦାଭାଙ୍ଗେରେ, ହାସନ ଏବଂ ବିଜୟନଗର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଲଗାତାର ପବନ (୪୦-୫୦ କିଲୋମିଟର ପ୍ରତି ଘଣ୍ଟା) ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଚାମରାଜନଗର, ଚିତ୍ରଦୁର୍ଗ ଏବଂ କୋଲାର ଜିଲ୍ଲାର ଅଧିକାଂଶ ସ୍ଥାନରେ ଲଗାତାର ପବନ (୪୦-୫୦ କିଲୋମିଟର ପ୍ରତି ଘଣ୍ଟା) ସହିତ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି ଓଗଡ କହିଛି ।

# ଦ. ଆଫ୍ରିକା ୧୩୮ : ଦୃଢ ସ୍ଥିତିରେ ଅଷ୍ଟ୍ରେଲିଆ

## କମିନ୍ସଙ୍କୁ ୬ ୱିକେଟ, ଅଷ୍ଟ୍ରେଲିଆ ୨ୟ ଇନିଂସ ୧୪୪/୮



ଲର୍ଡସ: ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଐତିହାସିକ ଲର୍ଡସ ପଡ଼ିଆରେ ଆରମ୍ଭ ହୋଇଥିବା ବିଶ୍ୱ ଟେଷ୍ଟ୍ ଚମ୍ପିଅନ୍‌ସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍‌ର ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନରେ ବି ବୋଲରଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ଦକ୍ଷିଣ ଆଫ୍ରିକାର ଶାଣିତ ବୋଲିଂରେ ଘାଇଲା ହୋଇ ଗତଥର ବିଜେତା ଅଷ୍ଟ୍ରେଲିଆ। ତାର ପ୍ରଥମ ପାଳିରେ ମାତ୍ର ୨୧୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଆଜି ଦ.ଆଫ୍ରିକା ୧୩୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଅଷ୍ଟ୍ରେଲିଆ ପୁନଃ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ୧୪୪ ରନ୍‌ରେ ୮ ଓ୍ୱିକେଟ ହରାଇଛି। ତବେବ ଏକଦା ଅଷ୍ଟ୍ରେଲିଆ ୭୩ ରନ୍‌ରେ ୭ ୱିକେଟ ହରାଇଥିଲା। ଗତକାଲି ୧୪ଟି ୱିକେଟ ପତନ ହୋଇଥିବାବେଳେ ଆଜି ୧୪ ୱିକେଟର ପତନ ହୋଇଛି। ଅଷ୍ଟ୍ରେଲିଆ ୨୧୮ ରନରେ ଅଗ୍ରଣୀ ହାସଲ କରିଥିବାରୁ ଦୃଢସ୍ଥିତିରେ ରହିଛି।ଗତକାଲି ୪/୪୩ରୁ ଆରମ୍ଭ କରି ଦ.ଆଫ୍ରିକା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ପକ୍ଷରୁ ବେଣ୍ଡିଂହାମ୍ ୪୫ ରନ୍, ଅଧିନାୟକ ବାଭୁମା ୩୬ ରନ୍ କରିଥିଲେ। ଅନ୍ୟସମସ୍ତେ ବିଫଳ ହୋଇଥିଲେ। ଷ୍ଟବସ ୪, ଭେରେନେ ୧୩, ଜାନସେନ ୦, ମହାରାଜ ୭ ରନ୍, ରବାଡା ୧ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କମିନ୍ସ ସର୍ବାଧିକ ୬ ୱିକେଟ ନେଇଥିଲେ। ଷ୍ଟାର୍କ ୨ ଓ ହେଜେଲଉଡ୍ ୧ ସଫଳତା ପାଇଥିଲେ। ୮୪ ରନ୍‌ରେ ଅଗ୍ରଣୀ ହାସଲ ପରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇଂନସିସ ଆରମ୍ଭ କରିଥିଲା। ପ୍ରଥମ ଇନିଂସ ଭଳି ଅଷ୍ଟ୍ରେଲିଆ ମଧ୍ୟ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥଲା। ଦଳ ଏକଦା ୭୩ ରନ୍‌ରେ ୭ ୱିକେଟ ହରାଇଥିଲା। ଲାବୁସେନ ୨୨, ଖ୍ୱାଜା ୦, ଗ୍ରୀନ ୦, ସ୍ମିଥ ୧୩, ହେଡ ୯, ଓ୍ୱେବଷ୍ଟର ୯, କମିନ୍ସ ୬ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଆଲେକ୍ସ କ୍ୟାରି ୪୩ ରନ୍ କରି ଦଳକୁ ବଡ ବିପଦରୁ ରକ୍ଷା କରିଥିଲେ। ଷ୍ଟାର୍କ ୧୬ ରନ୍ କରି ବ୍ୟାଟିଂ କରୁଛନ୍ତି।

ଗତକାଲି କାଗିସୋ ରବାଡ଼ା ୫ ୱିକେଟ୍ ନେଇ କଙ୍ଗାରୁ ଦଳର ବିପର୍ଯ୍ୟୟ ଘଟାଇଛନ୍ତି ଅଲରାଉଣ୍ଡର୍ ମାର୍କୋ ୟାନସେନ୍ ୩ ୱିକେଟ୍‌ର ଉପଯୋଗୀ ଅବଦାନ ରଖିଥିଲେ। ଏହାର ଜବାବରେ ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ବେଳକୁ ୨୨ ଓଭର୍‌ରେ ୪୩ ରନ୍‌ରେ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଐଡେନ ମାର୍କରାମ (୦), ରିଆନ ରିକେଲଟନ୍ (୧୬), ଆନ୍ ମୁଲ୍‌ଡର୍ (୬) ଓ ଟ୍ରିଷ୍ଟନ୍ ଷ୍ଟପ୍‌ସ (୨) ଆଉଟ୍ ହୋଇଥିଲେ ମିଚେଲ୍ ଷ୍ଟାର୍କ ଦୁଇଟିୱିକେଟ୍ ନେଇଥିଲେ।

## ଶାଣିତ କ୍ଷେତ୍ରରକ୍ଷଣକୁ ଗୁରୁତ୍ୱ

ଲଣ୍ଡନ, ୧୨।୬(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ୍ ଶୃଙ୍ଖଳା ଲାଗି ଭାରତୀୟ କ୍ରିକେଟ୍ ଦଳ ସେଠାରେ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛି। ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘରୋଇ ଇଂଲଣ୍ଡକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଥିବା ଯୁବ ଭାରତୀୟ ଦଳ ବେହେନହାମ୍ ଷ୍ଟାଡିୟମ୍‌ରେ କ୍ଷେତ୍ରରକ୍ଷଣ ଶୈଳୀକୁ ଆହୁରି ଶାଣିତ କରିବା ଉପରେ ଜୋର୍ ଦେଇଥିଲା। କ୍ଷେତ୍ରରକ୍ଷଣ ପ୍ରଶିକ୍ଷକ ଟି ଦିଲୀପଙ୍କ ତୀକ୍ଷ୍ଣ ନଜର ତଳେ ଭାରତୀୟ ଖେଳାଳିମାନେ ବୁଧବାର ବିଭିନ୍ନ ଫିଲ୍‌ଡିଂ ବା କ୍ଷେତ୍ରରକ୍ଷଣ ଅଭ୍ୟାସ କରିଥିଲେ ସେଥିମଧ୍ୟରେ ରହିଥିଲା। କ୍ୟାଚିଂ ଡ୍ରିଲ୍, ଷ୍ଟମ୍ପକୁ ଲକ୍ଷ୍ୟ କରି ବଲ୍ ମାରିବା, ରନ୍‌ଆଉଟ୍ କରିବା ଦକ୍ଷତାକୁ ବଢ଼ାଇବା ବିସିସିଆଇ ଭିଡିଓ ପ୍ରକାଶ କରି ପ୍ରଶଂସକଙ୍କୁ ଏହି ଅଭ୍ୟାସ ଅଧିବେଶନର ଝଲକ ଦେଖାଇଛି ସେହିଭଳି ଡ୍ରେସିଂ ରୁମ୍‌ରେ ଭାରତୀୟ ଖେଳାଳିମାନେ ଗମାତ କରୁଥିବାର ଭିଡିଓ ମଧ୍ୟ ବିସିସିଆଇ ଛାଡ଼ିଛି ଇଂଲଣ୍ଡ ପାଖରେ ବହୁତ ଭଲ ଭଲ ଖେଳାଳି ଥିଲେ ମଧ୍ୟ ଭାରତୀୟ ଦଳ ନିଜ ସ୍ୱାଭାବିକ ଖେଳ ଉପରେ ଅଧିକ ଧ୍ୟାନ ଦେଉଥିବା ଜଣାପଡ଼ିଛି। ମଙ୍ଗଳବାର ବିସିସିଆଇ ପ୍ରକାଶ କରିଥିବା ଆଉ ଏକ ଭିଡିଓରେ ଉପଅଧିନାୟକ ଋଷଭ ପନ୍ତ ଅଭ୍ୟାସ କରୁଥିଲା ବେଳେ ଏକ ବିଶାଳ ଛକା ମାରି ଷ୍ଟାଡିୟମ୍ ଛାତ ଭାଙ୍ଗିବାର ଦୃଶ୍ୟକୁ ମଧ୍ୟ ପ୍ରଶଂସକ ବେଶ୍ ପସନ୍ଦ କରୁଛନ୍ତି।

## ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

# ହଂକଂଠୁ ହାରିଲା ଭାରତ

ହଂକଂ, ୧୨।୬ : ଏଏଫ୍‌ସି ଏସିଆ। କପ୍‌୨୦୨୭ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡର ଏକ ମ୍ୟାଚ୍‌ରେ ଆଜି ଭାରତ ଘରୋଇ ହଂକଂ ଠାରୁ ୧-୦ ଗୋଲରେ ପରାଜିତ ହୋଇଛ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ସିଙ୍ଗାପୁରକୁ ଭେଟିବ। ଏହି ମ୍ୟାଚ୍ ଅକ୍ଟୋବର ୯ ତାରିଖରେ ଖେଳାଯିବ ।

ଗତକାଲିର ମ୍ୟାଚ ବେଶ ସଂଘର୍ଷପୂର୍ଣ୍ଣ ହୋଇଥିଲା । ୪୨,୫୭୦ ଦର୍ଶକ ମ୍ୟାଚର ପ୍ରୟକ୍ଷ ରୋମାଞ୍ଚ ନେଇଥିଲେ ପ୍ରତି ମୁହୂର୍ତ୍ତରେ ହୋଇଥିଲା ଆକ୍ରମଣ ଓ



ପ୍ରତିଆକ୍ରମଣ ଫଳରେ ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଖେଳ ଦେଖିବାକୁ ମିଳିଥିଲା। ୯୦ ମିନିଟ ପର୍ଯ୍ୟନ୍ତ କେହି ଗୋଲ ଖାତା ଖୋଲି ପାରିନଥିଲେ । ଇନ୍‌ଜ୍ୟୁରୀ ଟାଇମରେ ଗୋଲ୍ ଦେଇ ହଂକଂ ଶେଷରେ ବିଜୟୀ ହୋଇଥିଲା । ୯+୪ ମିନିଟରେ ହଂକଂକୁ ମିଳିଥିଲା ପେନାଲ୍ଟି । ଘରୋଇ ତାରକା ଷ୍ଟେଫାନ ପେରେଇରା ତ୍ରୁଟି ନକରି ଭାରତ ଗୋଲପୋଷ୍ଟରେ ବଲ ପୂରାଇ ବିଜୟ ଛଡ଼ାଇ ନେଇଥିଲେ । ଢାକାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସିଙ୍ଗାପୁର ୨-୧ ଗୋଲରେ ବାଂଲାଦେଶକୁ ପରାଜିତ କରିଥିଲା । ପୂର୍ବରୁ ଭାରତ ଗତ ୪ ତାରିଖରେ ଥାଇଲାଣ୍ଡ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲା। ଏହି ମ୍ୟାଚ୍‌ରେ ଥାଇଲାଣ୍ଡ ୨-୦ ଗୋଲରେ ବିଜୟୀ ହୋଇଥିଲା । ଶେଷ ପର୍ଯ୍ୟନ୍ତ ଭାରତ ଗୋଲ ଖାତା ଖୋଲି ପାରିନଥିଲା।

# ଟିନୋ ବେଷ୍ଟଙ୍କ ମନ୍ତବ୍ୟକୁ ନେଇ ହଇଚଇ



ନୂଆଦିଲ୍ଲୀ, ୧୨।୬: ଓ୍ୱେଷ୍ଟଇଣ୍ଡିଜ କ୍ରିକେଟରମାନେ ବହୁତ ମଜା କରନ୍ତି ସେମାନେ ସବୁବେଳେ ନିଜ ଜୀବନକୁ ଉପଭୋଗ କରନ୍ତି ସେମାନଙ୍କ ସଂସ୍କୃତି ମଧ୍ୟ ସେମାନଙ୍କୁ ଏହିପରି ଉପଭୋଗ କରିବାର ସ୍ୱାଧୀନତା ଦିଏ ଏକ ଶୋରେ, ଜଣେ ଭାରତୀୟ କ୍ରିକେଟର କହିଥିଲେ, ବ୍ରାଭୋ ବିବାହିତ ନୁହଁନ୍ତି, କିନ୍ତୁ ତାଙ୍କର ପିଲା ଏବଂ ଅନେକ ପ୍ରେମିକା ଅଛନ୍ତି ଏବେ ଜଣେ କ୍ରିକେଟର ଏମିତି ଏକ ମନ୍ତବ୍ୟ ଦେଇଛନ୍ତି ଯାହାକୁ ନେଇ ହଇଚଇ ସୃଷ୍ଟି ହୋଛି ମୁଁ ପ୍ରାୟ ୬୦୦ ଯୁବତୀଙ୍କ ସହ ସମ୍ପର୍କ ରଖିଛି ବୋଲି ଷ୍ଟେଇଣ୍ଡିଜ କ୍ରିକେଟର ଟିନୋ ବେଷ୍ଟ କହିଛନ୍ତି।

ଟିନୋ ବେଷ୍ଟ ଷ୍ଟେଇଣ୍ଡିଜ ଦଳ ପାଇଁ ୨୬ ଟେଷ୍ଟ ଏବଂ ୨୫ ଦିନିକିଆ। ଖେଳିଥିଲେ ଟିନୋ ଆତ୍ମଜୀବନୀ ମାଇଣ୍ଡ ଦି ଷ୍ଟୋଜ ମାଇ ଷ୍ଟୋରୀରେ ପ୍ରକାଶ କରିଥିଲେ ଯେ,କ୍ରିକେଟ ଖେଳୁଥିବା ସମୟରେ ତାଙ୍କର ଅନେକ ଦେଶର ଶହ ଶହ ଯୁବତୀଙ୍କ ସହ ସମ୍ପର୍କ ଥିଲା ଯୁବତୀମାନେ ମୋତେ ପସନ୍ଦ କରନ୍ତି ଏବଂ ମୁଁ ମଧ୍ୟ ସେମାନଙ୍କୁ ପସନ୍ଦ କରେ ମୁଁ ଭାବେ ଯେ ମୁଁ ବିଶ୍ୱର ସବୁଠାରୁ ସୁନ୍ଦର ଦେଖାଯାଉଥିବା ପୁରୁଷ ମୁଁ ଜଣେ କ୍ରିକେଟର ଭାବରେ ଯେଉଁଠାକୁ ଯାଉଥିଲି, ଯୁବତୀମାନଙ୍କୁ ଡେଟ କରୁଥିଲି ଏବଂ ସେମାନଙ୍କ ସହିତ ରାତି ବିତାଉଥିଲି। ମୁଁ ଭାବୁଛି ଏହି ସମୟରେ ମୋର ପ୍ରାୟ ୫୦୦ ରୁ ୬୫୦ ଯୁବତୀଙ୍କ ସହ ସମ୍ପର୍କ ଥିଲା।

ଟିନୋ ବେଷ୍ଟ ଏଥିରେ ତାଙ୍କ ସ୍ତ୍ରୀଙ୍କ ବିଷୟରେ ମଧ୍ୟ ଲେଖିଛନ୍ତି। ମୋର ପ୍ରଥମ ପ୍ରେମ ମେଲିସା ଥିଲା, ଯାହାଙ୍କଠାରୁ ମୋର ଏକ ଝିଅ ତମନି ଜନ୍ମ ହୋଇଥିଲା। କିନ୍ତୁ ମୋ ସ୍ତ୍ରୀ ସହିତ ସମ୍ପର୍କ ଖରାପ ହେବାରେ ଲାଗିଲା। ମୋର ବନ୍ଧୁମାନେ ମୋତେ କହୁଥିଲେ ଯେ, ଯେତେବେଳେ ମୁଁ ବାର୍ବାଡୋସ ପାଇଁ ଉଇକେଟ ନେବି, ମୋ ସ୍ତ୍ରୀ ଫେରି ଆସିବେ। ମୁଁ ଏପରି କଲି । କିନ୍ତୁ ସେ ଫେରି ନ ଥିଲେ, ଏହା ପରେ ମୁଁ ଜଣେ ପ୍ଲେବୟ ହୋଇଗଲି। ମୁଁ ଯେକୌଣସି ଯୁବତୀଙ୍କୁ ପସନ୍ଦ କରୁଥିଲି, ସେ କିଏ ହେଉନା କାହିଁକି, ମୁଁ ତାଙ୍କ ସହିତ କଥା ହେଉଥିଲି। ପୂର୍ବତନ ଓ୍ୱେଷ୍ଟଇଣ୍ଡିଜ କ୍ରିକେଟର ତାଙ୍କ ଆତ୍ମଜୀବନୀରେ କହିଛନ୍ତି, ମୁଁ ସପ୍ତାହରେ ୫ କିମ୍ବା ୬ ଡେଟରେ ଯାଉଥିଲି, ତାହା ମଧ୍ୟ ବିଭିନ୍ନ ଯୁବତୀଙ୍କ ସହିତ ମୋତେ ଲଗାତାର ଯାତ୍ରା କରିବାକୁ ପଡୁଥିଲା, ଗୋଟିଏ ଦିନ ଏଠାରେ ଏବଂ ପରଦିନ ଅନ୍ୟ କୌଣସି ସ୍ଥାନରେ ମୁଁ ଯୁବକ ଥିଲି ଏବଂ ଏହି ଜୀବନଶୈଳୀକୁ ପସନ୍ଦ କରୁଥିଲି। ସବୁଠାରୁ ଭଲ ଯୁବତୀମାନେ ଅଷ୍ଟ୍ରେଲିଆର, ସେମାନେ ସେମାନଙ୍କର ଫିଟନେସ ପ୍ରତି ଧ୍ୟାନ ଦିଅନ୍ତି ଏବଂ ସୁନ୍ଦର ଶରୀର ରଖନ୍ତି।

# ରେକର୍ଡ ମୂଲ୍ୟରେ ବିକ୍ରି ହେଲା ନାଡାଲଙ୍କ ରାକେଟ

## ୨୦୧୭ ଫ୍ରେଞ୍ଚ ଓପନ ବିଜେତା ଥିଲେ ରାଫେଲ

ନୂଆଦିଲ୍ଲୀ: ଲୋକପ୍ରିୟ ଟେନିସ ଖେଳାଳି ରାଫେଲ ନାଡାଲଙ୍କ ଏକ ରାକେଟ ୧୫୭,୩୩୩.୨୦ ଡଲାରରେ ନିଲାମ ହୋଇଛି। ବାବୋଲାଟ କମ୍ପାନିର ଏହି ରାକେଟରେ ନାଡାଲ ୨୦୧୭ ଫ୍ରେଞ୍ଚ ଓପନ ଫାଇନାଲ ମ୍ୟାଚ ଖେଳି ବିଜୟୀ ହୋଇଥିଲେ। ରବିବାର ରାକେଟକୁ ପ୍ରେଷ୍ଟିଜ୍ ମେମୋରାବିଲିୟା ଅକ୍ସନ ମାଧ୍ୟମରେ ନିଲାମ କରାଯାଇଛି। ବଡ଼ କଥା ହେଲା କେଣସି ଟେନିସ ରାକେଟ। ଏତେ ଟଙ୍କାରେ ନିଲାମ ହେବାରେ ପ୍ରଥମ ଏମିତିରେ ଏହି ନିଲାମୀ ମଧ୍ୟ ଏକ ନୂଆ ରେକର୍ଡ ସୃଷ୍ଟି କରିଛି।



ପୂର୍ବରୁ ମଧ୍ୟ ୨୦୨୨ରେ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡ ସ୍ଲାମ ଟାଇଟଲ ମ୍ୟାଚରେ ନାଡାଲ ଯେଉଁ ରାକେଟରେ ଖେଳିଥିଲେ ତାହା ମଧ୍ୟ ନିଲାମ ହୋଇଥିଲା ୨୦୨୩ରେ ଏହି ରାକେଟ ୧୩୯, ୭୦୦ ଡଲାରରେ ନିଲାମ ହୋଇଥିଲା ଏହି ମ୍ୟାଚରେ ନାଡାଲ, ଡାନିଲ ମେଦଭେଦଭଙ୍କୁ ହରାଇଥିଲେ ।

ସୂଚନାଥାଉକି, ନାଡାଲ ୨୦୧୭ରେ ଷ୍ଟାନ ୱାୱ୍ରିଙ୍କାଙ୍କୁ ଲଗାତାର ତିନି ରାଉଣ୍ଡରେ ୬-୨, ୬-୩, ୬-୧ରେ ହରାଇଥିଲେ। ଆଉ ଏହି ବିଜୟ ସହ ସେ ୧୦ମ ଫ୍ରେଞ୍ଚ ଓପନ ଟାଇଟାଲ ହାସଲ କରିଥିଲେ ।ଏହା ପରେ ବି ତାଙ୍କ ବିଜୟ ଧାରା ଜାରି ରହିଥିଲା । ଏହି ମ୍ୟାଚ ପରେ ସେ ଆହୁରି ୪ଟି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ସେଟ ନହରାଇ ଜିତିଥିଲେ। ରାଫେଲଙ୍କ ନାଁରେ ୧୪ଟି ଫ୍ରେଞ୍ଚ ଓପନ ଟାଇଟଲ ଜିତିବାର ରେକର୍ଡ ରହିଛି । ଯେତେବେଳକି ଟେନିସରେ ଅନ୍ୟ କେହି ବ୍ୟକ୍ତି ୮ରୁ ଅଧିକ ଟାଇଟଲ ଜିତିନାହାଁନ୍ତି। ନାଡାଲଙ୍କ ୨୦୧୭ ଫ୍ରେଞ୍ଚ ଓପନ ରେକର୍ଡକୁ ତାଙ୍କର ୨୦୧୭ ସେସନ୍‌ର ଅନ୍ୟ ୨୪ ମ୍ୟାଚ ସହ କରାଯାଇଥିଲା। ଯେଉଁଥିରେ ମ୍ୟାଡ୍ରିଡ ଓପନ ଫାଇନାଲ, ମାୟାମୀ ଓପନ ଫାଇନାଲ ଏବଂ ସମ୍ଭବତଃ ୨୦୧୭ ଅଷ୍ଟ୍ରେଲିଆନ ଓପନ ଫାଇନାଲ ସାମିଲ ରହିଛି। ଯେଉଁଥିରୁ ଶେଷ ଦୁଇରେ ନାଡାଲ ରୋଜ ଫେଡରରଙ୍କ ଠାରୁ ହାରିଯାଇଥିଲେ।

ନିଲାମ ନେଇ ପ୍ରେଷ୍ଟିଜ ମେମୋରାବିଲିୟା ଲଟ୍ ବିବରଣୀରେ ଲେଖାଯାଇଛି। ଯେ, ରାଫେଲଙ୍କ ଗ୍ରାଣ୍ଡ ସ୍ଲାମ ଫାଇନାଲରେ ବ୍ୟବହାର କରାଯାଇଥିବା ରାକେଟ ମିଳିବା ଦୁର୍ଲଭ କ୍ଲେ ସିଜିନର ଏକ ରାକେଟ ମିଳିବା ତାହାବି ଫ୍ରେଞ୍ଚ ଓପନ ଟାଇଟଲ ସହ, ଖୁବ୍ ଅଦ୍ଭୁତପୂର୍ବ ଏହି କଷ୍ଟମ-ମେଡ ରାକେଟରେ ରାଫା ପ୍ରତୀକ ଏବଂ ୨୦୧୭ ଫ୍ରେଞ୍ଚ ଓପନର ଏକ ଷ୍ଟ୍ରିଙ୍ଗିଂ ଷ୍ଟିକର ମଧ୍ୟ ରହିଛି ଯାହା ଉପରେ - ୨୦୧୭ ନାଡାଲ ଲେଖାଥିବାର ରହିଛି।

ରାଫେଲ ରାଫା ନାଡାଲ ପରେରୋ ଜଣେ ଲୋକପ୍ରିୟ ସ୍ପାନିଶ ଟେନିସ ଖେଳାଳି ସେ ଏଟିପି ରାଙ୍କିଂରେ ୨୦୯ ସପ୍ତାହ ପର୍ଯ୍ୟନ୍ତ ୧ ନମ୍ବର ରହିସାରିଛନ୍ତି। ନାଡାଲ ରୋଜର ଫେଡରର ଏବଂ ନୋଭାକ ଜୋକୋଭିକଙ୍କ ସହ ଟିମ୍ ମ୍ୟାଚରେ ୨୦ ଗ୍ରାଣ୍ଡ୍ ସ୍ଲାମ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ।ନାଡାଲ ନିଜ ସମୟରେ ସବୁଠୁ ଅଧିକ ୬୨ଟି କ୍ଲେ କୋର୍ଟ ଟାଇଟଲ ଜିତିଛନ୍ତି। ଯେଉଁଥିରେ ୧୪ଟି ଫ୍ରେଞ୍ଚ ଓପନ, ୧୨ ବାର୍ସିଲୋନ, ୧୧ ମଣ୍ଟେ-କାର୍ଲୋ ମାଷ୍ଟର୍ସ ଏବଂ ୧୦ଟି ରୋମ୍ ଟାଇଟଲ ରହିଛି। ଏହି ଉପଲବ୍ଧି ନାଡାଲଙ୍କୁ କିଙ୍ଗ୍ ଅଫ୍ କ୍ଲେ ଉପାଧି ମିଳିଛି ୨୦୧୧ ଏବଂ ୨୦୨୧ରେ ଲରିୟନ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦ ଇୟର ପୁରସ୍କାରରେ ମଧ୍ୟ ତାଙ୍କୁ ପୁରସ୍କୃତ କରାଯାଇଛି।

# ୨୦୨୭ ବିଶ୍ୱକପ୍ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ:୧୨।୬: ବିସିସିଆଇ ଏବେ ଦିନିକିଆ। କ୍ରିକେଟ୍‌ରେ ପରିବର୍ତ୍ତନ ଚାହୁଁଛି ।ଦଳ ପ୍ରବନ୍ଧକ ଏହି ଫର୍ମାଟର ଭବିଷ୍ୟତକୁ ଦୃଷ୍ଟିରେ ରଖି କୌଣସି ଯୁବ ଖେଳାଳିଙ୍କୁ ଅଧିନାୟକ କରିବାକୁ ଚାହୁଁଛି। ବିସିସିଆଇ ପାଖରେ ୨୦୨୭ ବିଶ୍ୱକପ୍ ପୂର୍ବରୁ ୨୭ ଦିନିକିଆ। ମ୍ୟାଚ୍ ରହିଛି ।ସୂତ୍ର ମୁତାବକ ରୋହିତ ଶର୍ମାଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ଅଧିନାୟକ ପଦ ମିଳିପାରେ। ଆୟର ଆଇପିଏଲ୍‌ରେ ତିନୋଟି ଭିନ୍ନ ଭିନ୍ନ ଦଳକୁ ଫାଇନାଲ୍‌ରେ ପହଞ୍ଚାଇଛନ୍ତି। ସେ ମୁମ୍ବାଇ ଦଳର ନେତୃତ୍ୱନେଇ ସୈୟଦ ମୁସ୍ତାକ ଅଲୀ ଟ୍ରଫି ଜିତାଇଥିଲେ।

ଶ୍ରେୟସ ଆୟର ସଂପ୍ରତି ଦିନିକିଆ। ଖେଳୁଛନ୍ତି। ମାତ୍ର ଏହି ଆଇପିଏଲ୍ ପରେ ଶ୍ରେୟସଙ୍କୁ ଟି-୨୦ ଓ ଟେଷ୍ଟ ଦଳରୁ ବାଦ୍ ଦେବା ମୁସ୍କିଲ ଲାଗୁଛି। ଏବେ ସେ ଆନୁଷ୍ଠାନିକ ଭାବେ ଦିନିକିଆ ଦଳର ନେତୃତ୍ୱ ଦୌଡ଼ରେ ସାମିଲ ହୋଇ ଯାଇଛନ୍ତି। ରୋହିତ ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ ଟି-୨୦ ଅନ୍ତର୍ଜାତୀୟରୁ ସନ୍ନ୍ୟାସ ଘୋଷଣା କରିଥିଲେ। ହେଲେ ରୋହିତ ସ୍ପଷ୍ଟ କରିଥିଲେ ଯେ ସେ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଚାହୁଁଛି।

ଭାରତୀୟ କ୍ରିକେଟ୍ ଦଳର ବରିଷ୍ଠ ଖେଳାଳି ରୋହିତ ଶର୍ମା ଟି-୨୦ ଓ ଟେଷ୍ଟରୁ ଅବସର ନେବା ପରେ କେବଳ ଦିନିକିଆ। କ୍ରିକେଟ୍ ଜାରି ରଖିବେ ବୋଲି କହିଥିଲେ। ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ରୋହିତ ଶର୍ମା ଦିନିକିଆରୁ ଅବସର ନେଇଯିବେ ବୋଲି ଅନେକ ଆଶା କରୁଥିଲେ ।ହେଲେ ସେ ଅବସର ନ ନେବା ଏହାର ସଙ୍କେତ ଦେଇଥିଲା ଯେ, ରୋହିତ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଚାହୁଁଛନ୍ତି ।ତେବେ ଦଳର ଏହି ତାରକା ଖେଳାଳିଙ୍କ ୨୦୨୭ ଦିନିକିଆ। ବିଶ୍ୱକପ୍ ଖେଳିବାର ସ୍ୱପ୍ନ ଏବେ ମୁସ୍କିଲ ଲାଗୁଛି ପରବର୍ତ୍ତୀ ବିଶ୍ୱକପ୍ ୨୦୨୭ରେ ଦକ୍ଷିଣ ଆଫ୍ରିକାରେ ଖେଳାଯିବ। ସେତେବେଳକୁ ରୋହିତଙ୍କ ବୟସ ୪୦ ବର୍ଷ ହୋଇ ସାରିଥିବ। ଏମିତିରେ ସମସ୍ତ ମିଡିଆ। ରିପୋର୍ଟ ଉପରେ ନଜର ପକାଇଲେ ଏହାର ସଙ୍କେତ ମିଳୁଛି ଯେ, ବିସିସିଆଇ ଦିନିକିଆରେ ନେତୃତ୍ୱ ପରିବର୍ତ୍ତନ କରିବାକୁ ଯୋଜନା କରୁଛି। ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇ ଆଶା କରୁଥିଲା ଯେ, ରୋହିତ ଟେଷ୍ଟ ସହିତ ଦିନିକିଆ କ୍ରିକେଟ୍‌ରୁ ସନ୍ନ୍ୟାସ ନେବେ। ମାତ୍ର ୩୮ ବର୍ଷୀୟ ରୋହିତ ସମସ୍ତଙ୍କୁ ଚକିତ କରି ଦିନିକିଆ। କ୍ରିକେଟ୍ ଖେଳିବା ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦ୍ୱାରା ତାଙ୍କର ଦିନିକିଆ। ବିଶ୍ୱକପ୍ ଜିତିବା ସ୍ୱପ୍ନ ପୂରଣ ହୋଇ ପାରିବ। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୨୩ ଦିନିକିଆ। ବିଶ୍ୱପ୍‌ର ଫାଇନାଲ୍‌ରେ ପହଞ୍ଚିଥିଲା। ହେଲେ ଦଳ ଟାଇଟଲ୍ ଜିତି ପାରି ନ ଥିଲା। ଏହା ପରେ ରୋହିତ ଭାରତକୁ ଟି-୨୦ ବିଶ୍ୱକପ୍ ଓ ଚାମ୍ପିଅନ୍ସ ଟ୍ରଫି ଜିତାଇଥିଲେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ୍ ଜିତିବା ପରେ ରୋହିତ କହିଥିଲେ ଯେ, ସେ ଦିନିକିଆ। କ୍ରିକେଟ୍‌ରେ ଅବସର ନେଉ ନାହାନ୍ତି ।ତେଣୁ ଏହାକୁ ନେଇ କୌଣସି ଗୁଜବ ପ୍ରଚାର କରନ୍ତୁ ନାହିଁ ।

# ଆର୍‌ସିବି କର୍ମଚାରୀଙ୍କୁ ମିଳିଲା ଅନ୍ତରୀଣ ଜାମିନ

ବେଙ୍ଗାଲୁରୁ, ୧୨।୬: ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ମାର୍କେଟିଂ ଓ ରାଜସ୍ୱ ମୁଖ୍ୟ ନିଖିଲ ସୋସାଲେଙ୍କୁ ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଛି ହେଲେ ତାଙ୍କୁ ତାଙ୍କ ପାସପୋର୍ଟ ଦାଖଲ କରିବାକୁ କୁହାଯାଇଛି ଗତ ୪ ତାରିଖରେ ଆଇପିଏଲ୍ ଚାମ୍ପିୟନ ଆର୍‌ସିବିର ବିଜୟ ଉତ୍ସବରେ ଦଳାଚକଟା ଯୋଗୁ ୧୧ ଜଣଙ୍କ ମୃତ୍ୟୁ ହେବା ପରେ ୬ ତାରିଖରେ ସୋସାଲେ ଓ ଡିଏନ୍‌ଏ ଏଣ୍ଟରଟେନମେଣ୍ଟ ନେଟୱର୍କର ଦୁଇ କର୍ମଚାରୀ କିରନ କୁମାର (ସିନିୟର ଇଭେଣ୍ଟ ମ୍ୟାନେଜର) ଓ ସୁନୀଲ ମାଥ୍ୟୁ (ଉପ ସଭାପତି-ବ୍ୟବସାୟିକ ବିଷୟ)ଙ୍କୁ ଗିରଫ କରାଯାଇଥିଲା । ୬ ତାରିଖରେ ବିମାନବନ୍ଦରରୁ ସେଣ୍ଟ୍ରାଲ କ୍ରାଇମ୍ ବ୍ରାଞ୍ଚ ଦ୍ୱାରା ଗିରଫ କରାଯାଇଥିଲା ସୋସାଲେଙ୍କ ଓକିଲ କର୍ନାଟକ ହାଇକୋର୍ଟରେ ସୋସାଲେଙ୍କ ଗିରଫଦାରୀ ଉପରେ ପ୍ରଶ୍ନ ଉଠାଇଥିଲେ କିନ୍ତୁ କୋର୍ଟ ମାମଲାକୁ ସ୍ଥଗିତ ରଖିଥିଲେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଗୁରୁବାର ଅପରାହ୍ନରେ ରାୟ ଶୁଣାଇଛନ୍ତି।

# ଆଇପିଏଲ୍ ପରେ କୁଆଡେ ଯାଆନ୍ତି ପ୍ରୀତି ?

ନୂଆଦିଲ୍ଲୀ,୧୨।୦୬: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୫ ଫାଇନାଲ୍ ଗୋଟିଏ ପଟେ ବହୁତ ଖୁସି ଆଣିଥିଲା, ଅନ୍ୟପଟେ ନିରାଶା ଏବଂ ଦୁଃଖ ପ୍ରୀତିଜିଣ୍ଟାଙ୍କ ଦଳ ପଞ୍ଜାବ କିଙ୍ଗସକୁ ପରାସ୍ତ କରି ହାତେଇଥିଲା ଟ୍ରଫି । ଫ୍ୟାନ୍ସ ବିରାଟଙ୍କ ପାଇଁ ଖୁସି ଥିଲେ। କିନ୍ତୁ ପ୍ରୀତିଙ୍କ ଶୁଖିଲା ମୁହଁ ଫ୍ୟାନ୍ସଙ୍କୁ ଦେଉଥିଲା କଷ୍ଟ ଏବେ ଶେଷ ହୋଇଛି। ଆଉ ଏବେ ପ୍ରୀତିଜିଣ୍ଟଚା ବି ଗାଏବ୍ ? ଏବେ ଫ୍ୟାନ୍ସ କେବଳ ପ୍ରୀତିଙ୍କୁ ସୋସିଆଲ ମିଡିଆରେ ଦେଖିପାରିବେ। ସମସ୍ତଙ୍କ ମନରେ ପ୍ରଶ୍ନ କୁଆଡେ ଗାଏବ୍ ହୋଇଯାଉଛନ୍ତି ପ୍ରୀତି ?

ବାସ୍ତବରେ ଆଇପିଏଲ୍ ପରେ ପ୍ରୀତି ଜିଣ୍ଟା ତାଙ୍କ ଘରକୁ ଫେରିଛନ୍ତି। ଅଭିନେତ୍ରୀ ତାଙ୍କ ସ୍ୱାମୀ ଜିନ୍ ଗୁଡଏନଫ୍‌ଙ୍କ ସହିତ ଲସ୍ ଆଞ୍ଜେଲସ୍‌ରେ ରୁହନ୍ତି। ସେ ୨୦୧୬ ମସିହାରେ ବିବାହ କରିଥିଲେ। ବିବାହ



ପରେ ସେ ସେଠାକୁ ସିଫ୍ଟ ହୋଇଯାଇଛନ୍ତି ଅଭିନେତ୍ରୀ ବେଭର୍ଲି ହିଲ୍ସର ଏକ ବଡ଼ ଘରେ ତାଙ୍କ ପରିବାର ସହିତ ରୁହନ୍ତି। ଯଦିଓ ଅଭିନେତ୍ରୀ ଭାରତ ଆସୁଛନ୍ତି, କିନ୍ତୁ ତାଙ୍କୁ ଆଇପିଏଲ୍ ସମୟରେ ସବୁଠାରୁ ଅଧିକ ଦେଖାଯାଏ।୨୦୨୧ରେ ପ୍ରୀତିଜି। ସରୋଗେସି ଜରିଆରେ ଏକ ପୁଅ-ଝିଅର ମାଆ। ହୋଇଥିଲେ। ଅଭିନେତ୍ରୀ ପ୍ରାୟତଃ ତାଙ୍କ ପୁଅ ଜୟ ଏବଂ ଝିଅ ଜିୟାଙ୍କ ସହିତ ଫଟୋ ସେୟାର କରନ୍ତି। ତଥାପି ତାଙ୍କ ମୁହଁ ଲୁଚାଇ ରଖିଥାନ୍ତି ଏବଂ ସବୁବେଳେ ଅନୁରୋଧ କରିଥାନ୍ତି କି ପିଲାମାନଙ୍କର ଫଟୋ ଜୋରଜବରଦସ୍ତି ଉଠାଇବାକୁ ଚେଷ୍ଟା କରା ନଯାଉ। ସେ ନିଜେ କହିଥିଲେ ଯେ ସେ ହିନ୍ଦୁ ଧର୍ମ ଅନୁସାରେ ପିଲାମାନଙ୍କୁ ଲାଳନପାଳନ କରନ୍ତି ତଥାପି ଆଇପିଏଲ୍ ସରିବା ମାତ୍ରେ, ସେ ପରିବାର ସହିତ ରହିବା ପାଇଁ ଲସ୍ ଆଞ୍ଜେଲସ୍ ଯାଆନ୍ତି। ପ୍ରୀତିଜିଣ୍ଟା ବହୁତ ଦିନ ଧରି ଅଭିନୟରୁ ଦୂରରେ ଅଛନ୍ତି କିନ୍ତୁ ସେ ଖୁବଶୀଘ୍ର କମ୍‌ବ୍ୟାକ୍ କରୁଛନ୍ତି। ସେ ସନି ଦେଓଲଙ୍କ 'ଲାହୋର ୧୯୪୭'ରେ ଏଣ୍ଟ୍ରି କରିଛନ୍ତି କିନ୍ତୁ ଚଳିତବର୍ଷ ଫିଲ୍ମଟି ରିଲିଜ୍ ହେବ କି ନାହିଁ, ଏପର୍ଯ୍ୟନ୍ତ କିଛି ନିଶ୍ଚିତ ହୋଇନାହିଁ ଅଭିନେତ୍ରୀଙ୍କୁ ଶେଷଥର ପାଇଁ 'ଭୈୟାଜୀ ସୁପରହିଟ୍'ରେ ଦେଖିବାକୁ ମିଳିଥିଲା। ଯାହା ୨୦୧୮ରେ ହୋଇଥିଲା ରିଲିଜ୍।

ବାସ୍ତବରେ ପ୍ରୀତି ଜିଣ୍ଟା ବହୁତ ଦିନ ଧରି ଅଭିନୟରୁ ବିରତି ନେଇଛନ୍ତି। କିନ୍ତୁ ସେ ଖୁବ୍ ଶୀଘ୍ର ଫେରିବେ। ତେବେ ନିକଟରେ ତାଙ୍କ ବିଷୟରେ ଆଉ ଏକ ରିପୋର୍ଟ ଆସିଛି। ଯେଉଁଥିରୁ ଜଣାପଡିଛି କି ସେ ହ୍ରିତିକ୍ ରୋଶନଙ୍କ 'କ୍ରିଶ୍ ୪'ରେ ରହିପାରିବେ ପ୍ରିୟଙ୍କା ଚୋପ୍ରା ପୂର୍ବରୁ ଏହି ଫିଲ୍ମରେ ପ୍ରବେଶ କରିସାରିଛନ୍ତି ଅଭିନେତ୍ରୀଙ୍କ ପରବର୍ତ୍ତୀ ଫିଲ୍ମ କେବେ ଦେଖାଯାଉଛି ତାହା ଦେଖିବାକୁ ବାକି ଅଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ